# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା କାର୍: ଜଣେ ମୃତ






**ଘସିପୁରା, ୬ ।୧(ସମିସ):** ରାମଚନ୍ଦ୍ରପୁର ଥାନା ଭଗାନଇ ଗାଁ ନିକଟରେ କାର ଦୁର୍ଘଟଣାଗ୍ରସ୍ତ । ଜଣେ ଯୁବକ ମୃତ ଅନ୍ୟ ଜଣେ ଗୁରୁତର । ଆଜି ସକାଳୁ ଓଡି୦୨ ବିଜେ ୧୦୭୦ ନମ୍ବର ଥିବା ଏକ କାର୍ ଯୋଗେ ଆନନ୍ଦପୁରର ଯିବା ବେଳେ ଭଗାନଇ ନାଳ ନିକଟରେ କାରଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା । ଫଳରେ କାର୍ ଚାଳକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଗାଡ଼ିରେ ବସିଥିବା ଅନ୍ୟ ଜଣେ ଯୁବକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସ୍ଥାନୀୟ ଲୋକ ଦୁହିଁକୁ ଉଦ୍ଧାର କରି ଆନନ୍ଦପୁର ମେଡ଼ିକାଲକୁ ପଠାଇଥିଲେ । ହେଲେ ଡାକ୍ତର ଜଣକୁ ମୃତ୍ୟୁ ଘୋଷଣା କରିଥିଲେ । ମୃତ ଯୁବକ ହେଲେ ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଖଡିକାଶୂଳବାହାଲି ଗ୍ରାମର ଦନାର୍ଦନ ରାଉତଙ୍କ ପୁଅ ରାଜକିଶୋର ରାଉତ(୩୮) । ଖବର ପାଇଁ ପରିବାର ଲୋକେ ମେଡ଼ିକାଲରେ ପହଞ୍ଚିଥିଲେ । ଉକ୍ତ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# କେନ୍ଦୁଝରରେ ନବୀନ କାର୍ଡ ପାଇଁ ବୁଲିଲା ସଚେତନତା ରଥ

**କେନ୍ଦୁଝର,୬।୧(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତାଲିକାରୁ ବାଦ ପଡିଥିବା ଗ୍ରାମାଞ୍ଚଳର ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ପ୍ରଚଳିତ ହେବାକୁ ଯାଉଥିବା ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ନାମ ପଞ୍ଜୀକରଣ ଉପଲକ୍ଷେ ସଚେତନତା ଉଦ୍ଦେଶ୍ୟରେ ଜିଲ୍ଲାର ୨ଟି ରଥକୁ ଜିଲାପାଳ ଆଶିଷ ଠାକରେ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏହି ଦୁଇଟି ରଥ ଜିଲ୍ଲାର ୧୩ଟି ବ୍ଲକ ବୁଲି ଲିଫଲେଟ ମଧ୍ୟରେ ଲୋକଙ୍କୁ ସଚେତନତା କରାଇବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପ୍ରୁଷ୍ଟି, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଅଧିକ୍ଷକ ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝର ଡାକ୍ତର ଅଶିମ କୁମାର ଦେ, ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ ଓ ଆଶାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପୀତବାସ ମିଶ୍ର, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ପରିସଂଖ୍ୟାନ ସହାୟକ ନୃସିଂହ ନାରାୟଣ ନନ୍ଦ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଜିଲ୍ଲା ସଂଯୋଜକ ପଦ୍ମଲୋଚନ ଗିରି ପ୍ରମୁଖ ପରିଚାଳନା କରିଥିଲେ ।



## କେଜେଏସ୍ କାରଖାନରେ ବିସ୍ଫୋରଣ ମାମଲା

# ଫର୍ଣ୍ଣେସ-୨ ସିଲ୍ କଲା କାରଖାନା ଓ ବାଷ୍ପିତ ବିଭାଗ

**କେନ୍ଦୁଝର,୬।୧ (ସମିସ)**

କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ବରପଦାସ୍ଥିତ କେଜେଏସ୍ ଆଲୁୱାଲିଆ ଷ୍ଟିଲ୍ ଏଣ୍ଡ ପାୱାର ଗତ ୩ ତାରିଖ ମଧ୍ୟାହ୍ନରେ ଇଣ୍ଡକସନ ଫର୍ଣ୍ଣେସ-୨ରେ ହଠାତ୍ ବିସ୍ଫୋରଣ ଘଟିଥିଲା । ଉକ୍ତ ଘଟଣା ପରେ କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ କେଦାରନାଥ ହାଁସଦାଙ୍କ ନେତୃତ୍ୱରେ ଏକ ଟିମ୍ ଦ୍ୱାରା ତଦନ୍ତ କରାଯାଇଥିଲା । ତଦନ୍ତ ପରେ ଏସ୍‌ଏମ୍‌ଏସ୍ ଇଣ୍ଡକସନ ଫର୍ଣ୍ଣେସ-୨ ୟୁନିଟରେ ତ୍ରୁଟି ଥିବା ଜାଣିବାକୁ ପାଇବା ପରେ ଉକ୍ତ ୟୁନିଟ୍ ସିଲ କରି କାରଖାନା ମାଲିକ ଏବଂ କାରଖାନା ମ୍ୟାନେଜରଙ୍କୁ ନୋଟିସ୍ କରାଯାଇ କାମ ବନ୍ଦ କରିବାକୁ ନିର୍ଦ୍ଦେଶ କରାଯାଇଛି । ଯେପରି ଭବିଷ୍ୟତରେ ଏପରି ଦୁର୍ଘଟଣା ନ ଘଟେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚିଠି ହୋଇଥିବା ଜଣାପଡିଛି । ଏଥିସହିତ ଭବିଷ୍ୟତରେ ସେଭଳି କୌଣସି ତ୍ରୁଟି ନ ହୁଏ ସେଥିପାଇଁ କି କି ପଦକ୍ଷେପ ନିଆଯିବ ତାହା ଲିଖିତ ଭାବେ ଜଣାଇବାକୁ କୁହାଯାଇଛି । ଦୁର୍ଘଟଣା କେଉଁ କାରଣ ପାଇଁ ହେଲା ଏବଂ ଏଥିରେ କାହାର ତ୍ରୁଟି ରହିଛି ତାହା ଜଣାଇବାକୁ କୁହାଯାଇଛ । ଏ ନେଇ କାରଖାନା ପକ୍ଷରୁ ଏକ ଟେକ୍ନକାଲ ଟିମ୍ ଯାଇ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶକ ଙ୍କୁ ସୁରକ୍ଷା ପାଇଁ କେଉଁ ପଦକ୍ଷେପ ନିଆଯାଇଛି



ସେ ନେଇ ଅବଗତ କରାଇବେ । ସଠିକ୍ ପଦକ୍ଷେପ ନେଲେ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ପୁନଃ ଉକ୍ତ ବନ୍ଦ ଥିବା ୟୁନିଟ୍ ଖୋଲିବ । ସୂଚନା ଯୋଗ୍ୟ ଯେ, ତରଳ ଗରମ ଲୁହା ସହିତ କଏଲ୍ ସଂଯୋଗ ହେବାରୁ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ସମୟରେ କଳାଧୂଆଁରେ ଉକ୍ତ ଅଞ୍ଚଳ ଆଚ୍ଛାଦିତ ହୋଇପଡିଥିଲା । ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଦୁର୍ଘଟଣା ସମୟର ପାଖର କେହି ଶ୍ରମିକ ନଥିବାରୁ ବଡ ଧରଣର ଅଘଟଣ ଟଳିଯାଇଥିଲା । କେନ୍ଦୁଝର ସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶକ ତଦନ୍ତ କରି ୨୪ ଘଣ୍ଟା ଭିତରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା । ତେବେ କାରଖାନା ପକ୍ଷରୁ ନିୟମିତ କାରଖାନାର ରକ୍ଷଣାବେକ୍ଷଣ ଅଭାବରୁ ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି । ଦୁର୍ଘଟଣା ପରେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନେ ଭୟଭୀତ ହୋଇ ପଡିଛନ୍ତି । ସୁରକ୍ଷାରେ ଢିଲା ଯୋଗୁଁ ଏହି କାରଖାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ସୂଚନାଯୋଗ୍ୟଯେ, ୨୦୧୩ ମସିହାରେ ଏହି କାରଖାନରେ ବ୍ୱଏଲର ଫାଟି ୩ଜଣଙ୍କ ମୃତ୍ୟୁ ହୋଇଥିଲା ।

ସେହିପରି ୨୦୧୭ ମସିହାରେ ଦୁଇଟି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଥିଲା । କାରଖାନରେ ଶ୍ରମିକଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । କେଜେଏସ୍ ଆଲୁୱାଲିଆ ଷ୍ଟିଲ ଏଣ୍ଡ ପାୱାର କାରଖାନାରେ ଶ୍ରମିକମାନେ ଅସୁରକ୍ଷିତ ପ୍ରଣାଳୀ ଏବଂ ଅସୁରକ୍ଷିତ ଭାବେ କାମ କରିବା ସହିତ କାରଖାନା ପରିସର ସଫସୁତୁରା ରହୁନଥିବାରୁ କର୍ମଚାରୀମାନେ ଅସୁରକ୍ଷିତ ଭାବେ କାମ କରୁଥିବା ଅଭିଯୋଗ ହେଉଛି ।

# ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ଯାତ୍ରୀ ହନ୍ତସନ୍ତ



**ଆନନ୍ଦପୁର/ଘସିପୁରା/ହାଟଡିହି/ ଛେନାପଦି/ଚମ୍ପୁଆ, ୬।୧(ସମିସ)**

କେନ୍ଦ୍ର ସରକାରଙ୍କ ଆଇନକୁ ବିରୋଧ କରି ଓଡ଼ିଶା ଡ୍ରାଇଭର ମହାସଂଘର ଡାକରାରେ ଆଜି କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡ଼ିଚାଳକମାନେ ଆନ୍ଦୋଳନ ଓ ବିକ୍ଷୋଭ କରିଥିଲେ । ତେବେ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି ।

୨୦ନଂ ଜାତୀୟ ରାଜପଥର ଶାଳପଡ଼ା ଇନ୍ଦିରା ପଡିଆଠାରେ ଡ୍ରାଇଭର ମହାସଂଘର ସମାବେଶ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ସତ୍ୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱର୍ ଡ୍ରାଇଭର ଏହି ସମାବେଶରେ ଯୋଗ ଦେଇଥିଲେ । ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ ଆନ୍ଦୋଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଘସିପୁରା ବ୍ଲକ ସୁଆଁପଦା ହାଟପଡ଼ିଆ ଠାରେ ଡ୍ରାଇଭର ମାନେ ଷ୍ଟେରିଂଛାଡ଼ ଆନ୍ଦୋଳନ କରିଥିଲେ । ବ୍ଲକ ସଂଘ ସଭାପତି ଶିବଶଙ୍କର ସାହୁ,ସମ୍ପାଦକ ବାସୁଦେବ ସେଠୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା ।

ହାଟଡିହି ବ୍ଲକର ଡ୍ରାଇଭର ସଂଘ ଭଦ୍ରକ -ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ହାଟଡିହି ବ୍ଲକ ନିକଟରେ ବିକ୍ଷୋଭ ଓ ଧାରଣା କରିଥିଲେ । ଏଥିରେ ବ୍ଲକ ସଂଘର ସଭାପତି ଲିପୁନ୍, ସମ୍ପାଦକ ଭାବଗ୍ରାହୀଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ଧାରଣାକୁ ସମାଜସେବୀ ଶରତ ଚନ୍ଦ୍ର ସେଠୀ ସମର୍ଥନ କରିଥିଲେ । ଚମ୍ପୁଆରେ ମହାସଂଘ ପକ୍ଷରୁ ରଜିଆଠାରେ ଧାରଣା ଦିଆଯାଇଥିଲା । ପାଟଣା ବ୍ଲକ ଡ୍ରାଇଭର ସଙ୍ଘ ପକ୍ଷରୁ ବ୍ଲକ ସଭାପତି ସଞ୍ଜୟ କୁମାର ଭୂମିଜ, ସମ୍ପାଦକ ଗୌରାଙ୍ଗ ବେହେରାଙ୍କ ନେତୃତ୍ୱରେ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ଛକର ଧାରଣା ଦିଆଯାଇଥିଲା । ଡ୍ରାଇଭରଙ୍କ ଏହି ଆନ୍ଦୋଳନ ଫଳରେ ଯାତ୍ରୀବାହୀ ବସ୍ ଗୁଡିକ ଠିଆ ହୋଇରହିଥିବା ବେଳେ ଯାତ୍ରୀମାନେ ବସଷ୍ଟାଣ୍ଡ ଠାରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା । ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବା ଯୋଗୁଁ ଝାଡଖଣ୍ଡରୁ ଆସିଥିବା ଯାତ୍ରୀ ମାନେ ଯାତାୟାତର ଅସୁବିଧାର ସମ୍ମୁଖିନ ହୋଇଥିଲେ ।

# ରାତିଅଧିଆ ବାହାର ଜିଲ୍ଲାକୁ ଟ୍ରିପ୍‌ଟ୍ରିପ୍ ମୋରମ ଚାଲାଣ

**ଘସିପୁରା,୬ ।୧(ସମିସ)**

ଘସିପୁରା ତହସିଲ ପଟିଲୋ ପନାସିଆ ଏବଂ ଦାନ୍ତିଆ ଅଞ୍ଚଳର ଅନେକ ସୈରାତରୁ ବେଆଇନ ଭାବେ ରାତିଅଧିଆ ଟ୍ରିପ୍ ଟ୍ରିପ୍ ମୋରମ୍ ଯାଜପୁର ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି । ଏଥିନେଇ ସ୍ଥାନିୟ ଦାନ୍ତିଆ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ବେଆଇନ ଚୋରାକାରବାର ଚାଲିଥିବା ଗ୍ରାମବାସୀ ପାଲଟା ଅଭିଯୋଗ ଆଣିଛନ୍ତି । ହାଇୱା ଟ୍ରକ୍ ଯୋଗେ ରାତିଅଧିଆ ଟ୍ରିପଟ୍ରିପ ମୋରମ୍ ଏବଂ ମାଙ୍କଡ଼ା ପଥର ଚୋରାଚାଲାଣ ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ବଡ଼ବଡ଼ ଖାଲଖମା ସୃଷ୍ଟି ହେବା ସହ ପଟିଲୋ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଧୀରେ ଧୀରେ ଅବକ୍ଷୟ ହେବାକୁ ଲାଗିଛି । ମୋରମ୍ ଖାଦାନ ପଟିଲୋ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିଲେ ମଧ ତାହା ଫରେଷ୍ଟ ଏରିଆରେ ଯାଉନଥିବା ବନ ବିଭାଗର



କର୍ମଚାରୀ ସଫେଇ ଦେଇଛନ୍ତି । ସେପଟେ ବୈଧ କାଗଜପତ୍ର ଥାଇ ମୋରମ୍ ଚାଲାଣ କରାଯାଉଥିବା କୁହାଯାଉଥିବା ବେଳେ କେବଳ ରାତିଅଧିଆ ମୋରମ ଚାଲାନ ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଗୁଞ୍ଜରଣ ସୃଷ୍ଟି କରିଛି ।

# ଯୌତୁକ ନିର୍ଯାତନା ଅଭିଯୋଗରେ ୨ ଗିରଫ

**ଘସିପୁରା,୬ ।୧(ସମିସ):** ରାମଚନ୍ଦ୍ରପୁର ପୁଲିସ ପକ୍ଷରୁ ଆଜି ଯୌତୁକ ନିର୍ଯାତନା ମାମଲାରେ ଚଢ଼ଉ କରାଯାଇ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାନ କରାଯାଇଥିବା ଜଣାପଡିଛି । ସ୍ଥାନିୟ ଅଙ୍ଗାରୁଆ ଗ୍ରାମର ବ୍ୟବସାୟୀ ଟଙ୍କଧର ପୃଷ୍ଟିଙ୍କ ବୋହୂ, ପୁଅ ଗଣେଶ୍ୱର ପୃଷ୍ଟିଙ୍କ ନାଁ ରେ ଯୌତୁକ ନିର୍ଯାତନା ମାମଲା ଆଣି ଏତଲା ଦାଏର କରିଥିଲେ । ଗଣେଶ୍ୱର କିଛି ଦିନ ହେଲା ଫେରାର ଥିଲା । କେଶଦୁରାପାଳ ବାଲିପାଳ ହାଟରୁ ଗଣେଶ୍ୱରକୁ ରାମଚନ୍ଦ୍ରପୁର ପୁଲିସ ଗିରଫ କରିଥିଲା । ସେହିପରି ଦାନ୍ତିଆ ଗ୍ରାମର ପ୍ରେମାନନ୍ଦ ଜେନାଙ୍କୁ ମଧ୍ୟ ଯୌତୁକ ମାମଲାରେ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରିଛି ରାମଚନ୍ଦ୍ରପୁର ପୁଲିସ । ସେପଟେ ଅଦାଲତରେ ଅଭିଯୁକ୍ତଙ୍କ ଜାମିନନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କେନ୍ଦୁଝର, ୬।୧(ସମିସ)**




ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଶନିବାର ଶେଷ ହୋଇଛି । ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡ଼ା ପ୍ରାଙ୍ଗଣ ଠାରେ ଶନିବାର ଅପରାହ୍ନରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, ଅନ୍ୟତମ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଏସ୍‌ପି ନୀତିନ କୁଶଲକର, ଡିଏଫଓ ଧନରାଜ ଏଚ୍‌ଡି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏବଂ ପିଏ ଆଇଟିଡିଏ ତପନ କୁମାର ନାଏକ ଯୋଗଦେଇଥିଲେ ।

ଏହି ତିନିଦିନିଆ କ୍ରୀଡ଼ା ଉତ୍ସବ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, କେନ୍ଦୁଝର ଷ୍ଟାଡିୟମ୍, ପୁଲିସ୍ ରିଜର୍ଭ ପଡ଼ିଆ, ଶଙ୍କରପୁର ସ୍ଥିତ ଧରଣୀଧର କ୍ରୀଡ଼ା ପ୍ରାଙ୍ଗଣ ଏବଂ ଝରବେଲଦା ସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା । ଏସବୁ ସ୍ଥାନମାନଙ୍କରେ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ କ୍ରିକେଟ୍, ଫୁଟବଲ୍, ଭଲିବଲ, ଖୋ ଖୋ, କବାଡ଼ି ଏବଂ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଝୁମ୍ପୁରା ବ୍ଲକ ଚାମ୍ପିୟଅନ୍ ହୋଇଥିବା ବେଳେ ବଡ଼ବିଲ ପୌରପାଳିକା, ଚମ୍ପୁଆ ବ୍ଲକ ଏବଂ ପାଟଣା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ସେହିଭଳି ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ପାଟଣା ବ୍ଲକ ଚାମ୍ପିଅନ୍ ହୋଇଥିବା ବେଳେ ଘଟଗାଁ ଓ ଝୁମ୍ପୁରା ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି ।

ଫୁଟବଲ୍ ପ୍ରତିଯୋଗିତା ପୁରୁଷ ବର୍ଗରେ ଘଷିପୁରା ବ୍ଲକ ଚାମ୍ପିଅନ୍ ହୋଇଥିବା ବେଳେ ଘଟଗାଁ, ଆନନ୍ଦପୁର ଏବଂ ବାଂଶପାଳ ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ମହିଳା ବର୍ଗରେ ଯୋଡ଼ା ବ୍ଲକ ଚାମ୍ପିଅନ୍ ହୋଇଥିବା ବେଳେ ସାହାରପଡ଼ା, ଝୁମ୍ପୁରା ବ୍ଲକ ଏବଂ ବଡ଼ବିଲ ପୌରପାଳିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି ।

ପୁରୁଷ ହକିରେ ହରିଚନ୍ଦନପୁର ବ୍ଲକ ଚାମ୍ପିଅନ୍ ହୋଇଥିବା ବେଳେ କେନ୍ଦୁଝର ସଦର ବ୍ଲକ, କେନ୍ଦୁଝର ପୌରପାଳିକା ଏବଂ ଝୁମ୍ପୁରା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ସେହିଭଳି ମହିଳା ହକିରେ ଦୁଇଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆନନ୍ଦପୁର ବ୍ଲକ ଚାମ୍ପିଅନ୍ ଏବଂ ଚମ୍ପୁଆ ବ୍ଲକ ରନର୍ସଅପ୍ ହୋଇଛନ୍ତି । କବାଡ଼ି ପ୍ରତିଯୋଗିତାର ପୁରୁଷ ବର୍ଗରେ ବାଂଶପାଳ ବ୍ଲକ ଚାମ୍ପିୟନ୍ ହୋଇଥିବା ବେଳେ କେନ୍ଦୁଝର ପୌରପାଳିକା, ସାହାରପଡ଼ା ଏବଂ ଘଷିପୁରା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ମହିଳା ବର୍ଗରେ ଚମ୍ପୁଆ ବ୍ଲକ ଚାମ୍ପିୟନ୍ ହୋଇଥିବା ବେଳେ ପାଟଣା, ସାହାରପଡ଼ା ଏବଂ ଝୁମ୍ପୁରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି ।

ଖୋ ଖୋ ପ୍ରତିଯୋଗିତାର ପୁରୁଷ ବର୍ଗରେ ହରିଚନ୍ଦନପୁର ବ୍ଲକ ଚାମ୍ପିଅନ ହୋଇଥିବା ବେଳେ କେନ୍ଦୁଝର ପୌରପାଳିକା, ତେଲକୋଇ ଏବଂ ସାହାରପଡ଼ା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ସେହିଭଳି ମହିଳା ବର୍ଗରେ ଚମ୍ପୁଆ ବ୍ଲକ ଚାମ୍ପିଅନ୍ ହୋଇଥିବା ବେଳେ ଝୁମ୍ପୁରା, କେନ୍ଦୁଝର ସଦର ଏବଂ ଘଷିପୁରା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି ।

ପୁରୁଷ ଭଲିବଲରେ ଘଷିପୁରା ଚାମ୍ପିଅନ୍ ହୋଇଥିବା ବେଳେ କେନ୍ଦୁଝର ସଦର ବ୍ଲକ, ବାଂଶପାଳ ବ୍ଲକ ଏବଂ କେନ୍ଦୁଝର ପୌରପାଳିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ହୋଇଛନ୍ତି । ମହିଳା ବର୍ଗରେ ଚମ୍ପୁଆ ଚାମ୍ପିଅନ୍ ହୋଇଥିବା ବେଳେ ଆନନ୍ଦପୁର ଏବଂ ସାହାରପଡ଼ା ବ୍ଲକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି ।

ପୁରସ୍କାର ବିତରଣ ସମାରୋହରେ ବିଜେତା ଦଳମାନଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ ହୋଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ରନର୍ସଅପ୍ ଦଳମାନଙ୍କୁ ଯଥାକ୍ରମେ ୩୦ ହଜାର, ୨୦ ହଜାର ଏବଂ ୨୦ ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ ଏହି ଉତ୍ସବର ଆୟୋଜନ ପାଇଁ ସମସ୍ତ ପ୍ରକାରର ସହଯୋଗ କରିଥିଲେ ।




# ବ୍ୟାଙ୍କ ଅଫ୍ ବରୋଦାରେ ଗ୍ରାହକ ଅଶାନ୍ତି

**ଆନନ୍ଦପୁର,୬।୧ (ସମିସ)**

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ରାସ୍ତାରେ ଥିବା ବ୍ୟାଙ୍କ ଅଫ୍ ବରୋଦାରେ ଗ୍ରାହକ ଅଶାନ୍ତି ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ବ୍ୟାଙ୍କ ଅଫ୍ ବରୋଦାର ଆନନ୍ଦପୁର ଶାଖା କାର୍ଯ୍ୟାଳୟ ନିୟମିତ ଠିକ ସମୟରେ ଖୋଲୁନଥିବା ବେଳେ ଅନେକ ସମୟରେ ବ୍ୟାଙ୍କର କାଉନ୍ଟରରେ କର୍ମଚାରୀମାନେ ରହୁନଥିବା ଯୋଗୁଁ ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ବ୍ୟାଙ୍କର ପରିଚାଳକ ନିୟମିତ ଠିକ ସମୟରେ ବ୍ୟାଙ୍କକୁ ଆସୁନଥିବାରୁ ବିଭିନ୍ନ ଅଂଚଳରୁ ଆସୁଥିବା ଗ୍ରାହକମାନେ ଅପେକ୍ଷା କରି ଫେରିଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବ୍ୟାଙ୍କରେ ଲକ୍ଷ ଲକ୍ଷ ଟଙ୍କା ଜମା ରଖିଥିବା ଗ୍ରାହକ ମାନଙ୍କୁ ଉଚିତ ସେବା ମିଳୁନଥିବା ବେଳେ କେତେକ ଋଣୀଙ୍କୁ ବ୍ୟାଙ୍କ ପରିଚାଳକ ଅନାବଶ୍ୟକ କଥା କହି ମାନସିକ ଚାପ ଦେଉଥିବା ଭଳି ସଂଗୀନ ଅଭିଯୋଗ ହୋଇଛି । ଆନନ୍ଦପୁରର କେତେକ ଋଣୀଙ୍କୁ ବ୍ୟାଙ୍କ ପରିଚାଳକ ବାରମ୍ବାର ଫୋନ କରି ମାନସିକ ଅଶାନ୍ତି ଦେଉଥିବା ଘଟଣାରେ ଗ୍ରାହକ ଅଶାନ୍ତି ବୃଦ୍ଧି ପାଉଥିବା ଜଣାଯାଇଛି । ଏନେଇ ବ୍ୟାଙ୍କ ପରିଚାଳକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗସୂତ୍ର ସ୍ଥାପନ ହୋଇନପାରିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ । ଏଣୁ ବ୍ୟାଙ୍କ ଅଫ ବରୋଦାର ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାହକ ମାନଙ୍କ ପକ୍ଷରୁ ଦାବି ହୋଇଛି ।



## ଜିଲ୍ଲାରେ ମୋଟ୍ ଭୋଟର ସଂଖ୍ୟା ୧୨.୭୪ ଲକ୍ଷ

# ଭଦ୍ରକରେ ସର୍ବାଧିକ; ଭଣ୍ଡାରିପୋଖରୀରେ ସର୍ବନିମ୍ନ

**ଭଦ୍ରକ,୬ ।୧(ସମିସ)**

ଭଦ୍ରକ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚିଠା ତାଲିକାରେ ଜିଲ୍ଲାର ଭୋଟର ସଂଖ୍ୟା ୧୨,୫୫,୨୯୬ ଥିବା ବେଳେ ନୂଆ ତାଲିକାରେ ସମୁଦାୟ ଭୋଟର ସଂଖ୍ୟା ୧୨,୭୪,୨୨୦ ରହିଛି। ଏମାନଙ୍କ ମଧ୍ୟରେ ପୁରୁଷ ଭୋଟର ସଂଖ୍ୟା ୬,୫୨,୭୨୧ ଏବଂ ମହିଳା ଭୋଟର ୬,୧୧,୩୪୮ ରହିଛି। ଜିଲ୍ଲାର ୫ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାରେ ସର୍ବାଧିକ ସଂଖ୍ୟକ ଭୋଟର ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବେଳେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ କମ୍ ସଂଖ୍ୟକ ଭୋଟର ଥିବା ଜଣାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକ ଅନୁଯାୟୀ, ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୬୭ହଜାର ୧୬୭ଭୋଟର ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୩୬,୪୯୩, ମହିଳା ଭୋଟରଙ୍କ ସଂଖ୍ୟା ୧,୩୦,୬୦୪ ଓ ୭୦ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଏହା ପଛକୁ ରହିଛି ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ। ଏଠାରେ ମୋଟ ଭୋଟରଙ୍କ ସଂଖ୍ୟା ୨,୬୬,୬୬୬। ଏଥିରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୩୮,୫୦୫, ମହିଳା ଭୋଟରଙ୍କ ସଂଖ୍ୟା ୧,୨୮,୧୪୦; ୨୧ଜଣ ତୃତୀୟ ଲିଙ୍ଗୀ ଭୋଟର। ସେହିଭଳି ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟା ୨,୪୯,୨୧୮, ପୁରୁଷଙ୍କ ସଂଖ୍ୟା ୧,୩୦,୨୧୬, ମହିଳାଙ୍କ ସଂଖ୍ୟା ୧,୧୮,୯୮୬, ତୃତୀୟ ଲିଙ୍ଗୀ ସଂଖ୍ୟା ୧୬ ରହିଛି। ସେହିପରି ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨,୪୩,୭୩୪। ପୁରୁଷ ଭୋଟରଙ୍କ ସଂଖ୍ୟା ୧୨୫୬୯୬; ମହିଳା ଭୋଟରଙ୍କ ସଂଖ୍ୟା ୧,୧୮,୦୧୧, ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା୨୭। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୨,୩୭,୪୩୫ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୨୧,୮୧୧; ମହିଳା ଭୋଟରଙ୍କ ସଂଖ୍ୟା ୧,୧୫,୬୦୭ ଓ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୧୭। ଜିଲ୍ଲାରେ ୫ଗୋଟି ବିଧାନସଭା କ୍ଷେତ୍ରରେ ମୋଟ ୧୫୧ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଥିବା ବେଳେ ୧୮-୧୯ ବର୍ଷ ବୟସ ବର୍ଗର ଭୋଟର ସଂଖ୍ୟା ୨୫,୯୧୫। ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୮,୯୧୪, ୮୦ ବର୍ଷ ଏବଂ ତହିଁରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୩୧,୩୬୦; ସର୍ଭିସ୍ ଭୋଟର ୨୨୫୧ ଥିବା ଜଣାଯାଇଛି। ସେହିଭଳି ୨୦୧୯ରେ ବୁଥ ସଂଖ୍ୟା ୧୨୯୨ ଥିବା ବେଳେ ୨୦୨୪ରେ ବୁଥ୍ ସଂଖ୍ୟା ବୃଦ୍ଧି ପାଇ ୧୩୦୯ରେ ପହଞ୍ଚିଛି।

- ଦିବ୍ୟାଙ୍ଗ ୨୮,୧୯୪
- ନୂଆ ଭୋଟର ୨୫,୯୧୫
- ବରିଷ୍ଠ ନାଗରିକ ୩୧,୩୬୦
- ତୃତୀୟ ଲିଙ୍ଗୀ ୧୫୧

## ଡ୍ରାଇଭର ସଂଘର ଆନ୍ଦୋଳନ

**ଆଗରପଡ଼ା,୬ ।୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ମୁଖ୍ୟ ବଜାର ସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଡ୍ରାଇଭର ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ଆଇନକୁ ବିରୋଧ କରି ଆନ୍ଦୋଳନ କରାଯାଇଥିଲା। ଆଗରପଡ଼ା ଡ୍ରାଇଭର ସଂଘର ସଭାପତି ବିଜୟ ନାଥ, ଉପସଭାପତି ଖଗେଶ୍ୱର ଜେନା, ବ୍ଲକ ସମ୍ପାଦକ ଜୀବନ ନାୟକଙ୍କ ସମେତ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଜଗନ୍ନାଥ ରଥ ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ

**ମଞ୍ଜୁରୀରୋଡ,୬ ।୧(ସମିସ):** ଜଗନ୍ନାଥ ରଥ ପରିକ୍ରମା ପାଇଁ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେଉଥିବା ବେଳେ ଏହା ପୂର୍ବରୁ ଗୁଆ ଓ ଅରୁଆ .ଚାଉଳ ସଂଗ୍ରହ ପାଇଁ ରଥ ପରିକ୍ରମା କରି ତେଣୁ ଏନେଇ ଆଜି ବିଡିଓ ଦେବଦତ୍ତ ଦାଶ ବୈଠକରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହା ସହିତ ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳରେ ରଥ ପରିକ୍ରମା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ପ୍ରସ୍ତୁତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଉପସ୍ଥିତ ରହି ରଥ ପରିକ୍ରମା କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ଅମୂଲ୍ୟ ନାୟକ, ସୌମ୍ୟରଞ୍ଜନ ଜେନା, ଶୁଶାନ୍ତ ମଲ୍ଲିକ, ଧନେଶ୍ୱର ଖୁଣ୍ଟିଆ, ନିଳାମ୍ବର ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ମତାମତ ଦେଇଥିଲେ।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




ତିହିଡ଼ି,୬।୧(ସମିସ): ଆଗରପଡ଼ା ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନ ଆନୁକୂଲ୍ୟରେ ତିହିଡ଼ି ବ୍ଲକ ସ୍ଥିତ ହରିଶ୍ଚନ୍ଦ୍ର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ କର୍ମଶାଳା ୨ଟି ସୋପାନରେ୬ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତୀକେଶ୍ୱର ରାଉଳ ଉଦ୍‌ଘାଟନ କରିଥିଲେ। ତିହିଡ଼ି ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ କୁମାର ସାହୁ, ସହକାରୀ ଶିକ୍ଷାଧିକାରୀ ଦାମୋଦର ଜେନା, ରତ୍ନାକର ସାହୁ, ପ୍ରଧାନ ଶିକ୍ଷକ ଗିରିଧାରୀ ଚାନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଶିକ୍ଷିକା ରେଖା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରୋଜ ଦାଶ, ସରୋଜ ଓଝା, ରାମପ୍ରସାଦ ବାରିକ, ପଦ୍ମନାଭ ସେଠୀ ସାଧନକର୍ମୀ ରୂପେ ଯୋଗଦେଇ ତିହିଡ଼ି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଜାତୀୟ ଶିକ୍ଷା ନୀତି-୨୦୨୦ର ନିପୁଣ ଭାରତ ଅଧୀନରେ ପ୍ରଥମରୁ ତୃତୀୟ ଶ୍ରେଣୀ ପାଇଁ ପ୍ରଚଳିତ 'ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ' ଏବଂ ପାଠ୍ୟ ପୁସ୍ତକର ଶିକ୍ଷଣ ଫଳାଫଳକୁ ଆଧାର କରି ଅନେକ ଶିକ୍ଷଣ ସାମଗ୍ରୀ ଏବଂ ଡକୁମେଟାରୀ ପ୍ରସ୍ତୁତ ହୋଇଥିଲା। ଶିକ୍ଷୟିତ୍ରୀ ରେଖା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ କିରଣ ପ୍ରଧାନ, ତୃପ୍ତିମୟୀ ମିଶ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

## 'ବେଟି ବଚାଓ, ବେଟି ପଢ଼ାଓ' ପରାମର୍ଶ ସେବା କାର୍ଯ୍ୟକ୍ରମ




**ଭଦ୍ରକ,୬ ।୧(ସମିସ):** ବାଳିକାମାନଙ୍କୁ ଶିକ୍ଷାସହ ବିଭିନ୍ନ କ୍ଷେତ୍ରରେ ଅଗ୍ରସର ନିମନ୍ତେ 'କନ୍ୟା ବଞ୍ଚନ୍ତୁ, କନ୍ୟାକୁ ପଢ଼ାନ୍ତୁ' ଯୋଜନାରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପରାମର୍ଶ ସେବା ପାଇଁ 'କଲେକ୍ଟର କି କ୍ଲାସ' ଶୀର୍ଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁପ୍ରୀତି କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତଥା ଛାତ୍ରୀଙ୍କ ପରାମର୍ଶଦାତା ସୌଦାମିନୀ ରାଉତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀଙ୍କ ସମେତ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଜିଲ୍ଲା କର୍ମ ନିଯୋଜନ ଅଧିକାରିଣୀ ଅନିତା ନାୟକ, ବିଷୟ ବିଶାରଦ ରୂପେ ଯୁବ ପେଶାଦାର ଭିନିତ ଶେଖର ପ୍ରମୂଖ ଯୋଗଦାନ କରିଥିଲେ। ଅଧ୍ୟାପିକା ଅନୀତା ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ବେହେରାଙ୍କ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ କର୍ମ.ରୀ ଯୋଗଦାନ କରିଥିଲେ। ଉପସ୍ଥିତ ଦୁଇଶହରୁ ଊର୍ଦ୍ଧ୍ୱ ବାଳିକା ମାନଙ୍କ ମଧ୍ୟରେ ସେମାନଙ୍କର ରୁଚି, ଶିକ୍ଷା, ଆଗ୍ରହଥିବା କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, ଆତ୍ମନିର୍ଭରଶୀଳ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସେହିପରି ଅସୁରାଳି ମହିଳା ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସମେତ ବିଷୟ ବିଶାରଦ ଭିନିତ୍ ଶେଖର ଯୋଗଦାନ କରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ବାଳିକାମାନଙ୍କୁ ଶିକ୍ଷା ସହ ଉତ୍ତମ ମାର୍ଗ ନିମନ୍ତେ ସଠିକ୍ ପରାମର୍ଶ ସେବା ଏବଂ ସରକାରୀ ସ୍ତରରେ ଥିବା ବହୁ ସୁବିଧା ସୁଯୋଗ ସମ୍ବନ୍ଧରେ ଦୃଷ୍ଟାନ୍ତମୂଳକ ଉଦାହରଣ ପ୍ରତିପାଦନ କରିଥିଲେ। ବାଳିକା ମାନଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସଂଗୀତ, ଚିତ୍ରାଙ୍କନ, ନୃତ୍ୟ ଉତମଶିକ୍ଷା କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେଲେ ଏକନିଷ୍ଠ ହୋଇ ସେଥିରେ ରୁଚି ରଖିବାକୁ ପଡ଼ିବ। ସେଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାପାଇଁ ପ୍ରେରଣା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡା. କାମିନି ବାଳା ମିଶ୍ର, ହୃଷିକେଶ ରାଉତ, ଗାୟତ୍ରୀ ବିଶ୍ୱାଳ, ମାନିନି ରାୟ, ରାମାନୁଜମ ପତି ପ୍ରମୂଖ ଯୋଗଦାନ ଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ମତ ରଖିଥିଲେ। କଳାର ଛାତ୍ରୀ ସନ୍ତୋଷିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ,୬।୧(ସମିସ):** ବାରିକପୁର ଉଚ୍ଚ ବିଦ୍ୟାଳୟରେ ବାରିକପୁର, ଭଗିବିନ୍ଧା, ମହୁରା ଓ ବିଷ୍ଣୁପୁର ସାଧନକେନ୍ଦ୍ର ଅନ୍ତର୍ଗତ ଅବସରଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଶନିବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଓ ପୁରୁଷୋତମ ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, କବି ସନ୍ତୋଷ ସାହୁ, ଘନଶ୍ୟାମ ସ୍ୱାଇଁ, ମାୟାଧର ଦାଶ, ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକ, ଧର୍ମେନ୍ଦ୍ର ସ୍ୱାଇଁ, ଅଜୟ ରାୟ, ରାଜକିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ପାଲ, ସରୋଜ କୁମାର ମଲ୍ଲିକ, ରଙ୍ଗାଧର ମହାପାତ୍ର, ପ୍ରସନ୍ନ ଦାସ, ଶିକ୍ଷୟତ୍ରୀ ମଞ୍ଜୁଲତା ନାୟକ, ତରୁଣ ଦତ ଓ ଚନ୍ଦ୍ରଶେଖର ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ସାହୁ ଉଦ୍ଦେଶ୍ୟଜ୍ଞାପନ, ସୁନିଲ ନାୟକ ଅତିଥି ପରିଚୟ ଓ ଶରତ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ଭଣ୍ଡାରିପୋଖରୀ,୬।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମରେ ଶନିବାର ଦିନ ୧୨ଟା ବେଳେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ଗ୍ରାମର ଡାଲି ମୁଣ୍ଡା ରୋଷେଇ କରୁଥିବା ବେଳେ ଚୁଲିନିଆଁରୁ ଅଗ୍ନି ସଂଯୋଗ ହୋଇ ଘର ଜଳିଯାଇଥିଲା। ସୂଚନା ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅଗ୍ନିକାଣ୍ଡ ପରିଦର୍ଶନ କରି ବିପନ୍ନଙ୍କୁ ସହାୟତା ପାଇଁ ସୁପାରିସ କରିଥିବା ଜଣାଯାଇଛି।

## କବାଲି ଦେଖିବାକୁ ଯାଇଥିବା ବେଳେ ଘରୁ ଚୋରି

**ତିହିଡ଼ି,୬।୧(ସମିସ):** କବାଲି ଦେଖିବାକୁ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଆଦି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ତିହିଡ଼ି ପୁଲିସ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁରର ମଧ୍ୟ ସହାୟତା ନିଆଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଶୁକ୍ରବାର ରାତ୍ରିରେ ମିର୍ଜାପୁରରେ କବାଲି ଅନୁଷ୍ଠିତ ହେଉଥିଲା। କବାଲି ଅନୁଷ୍ଠିତ ସ୍ଥାନରୁ ମାତ୍ର କେଇ ମିଟର ଦୂରରେ ରହୁଥିବା ସଲାଉଦ୍ଦିନ ଖାଁଙ୍କ ଘରେ ଶିଡ଼ିଘର ପଛ ଦେଇ ଭିତରେ ପ୍ରବେଶ କରିଥିଲେ। ସଲାଉଦ୍ଦିନଙ୍କ ପରିବାର କବାଲି ଦେଖିବାକୁ ଯାଇଥିବାରୁ ଦୁର୍ବୃର୍ତମାନେ ଏହାର ସୁଯୋଗ ନେଇଥିଲେ। ନଗଦ ୬୦ ହଜାର ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଆଦି ଚୋରି କରିନେଇଯାଇଥିଲେ। ସୂଚନାଯୋଗ୍ୟ, ସଲାଉଦ୍ଦିନ ନିଜ ଝିଅ ବିବାଘର ପାଇଁ ସ୍ୱର୍ଣ୍ଣ ଅଳଙ୍କାର କିଣି ଘରେ ରଖିଥିଲେ। ଚୋରି ହୋଇଥିବା ଜିନିଷ ଓ ନଗଦ ଟଙ୍କାକୁ ମିଶାଇଲେ ଚାରି ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି।

## ଆକ୍ରମଣର ଶିକାର ସାନଭାଇର ମୃତ୍ୟୁ

**ଭଣ୍ଡାରିପୋଖରୀ,୬।୧(ସମିସ):** ଗତ ୩୧ ତାରିଖରେ ଭଣ୍ଡାରିପୋଖରୀ ଥାନା ନାରାୟଣପୁର ଗ୍ରାମର ବଡଭାଇ କାହ୍ନୁଚରଣ ବାରିକଙ୍କ ପରିବାର ପକ୍ଷରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ସାନଭାଇ ଚିତ୍ତରଞ୍ଜନ ବାରିକ ଓରଫ ଟୁନିଆ (୪୬) ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡଡାକ୍ତରଖାନାରେ ପ୍ରାଣ ହରାଇଥିବା ଜଣାଯାଇଛି। ଏଥିନେଇ ମୃତକଙ୍କ ପୁତ୍ର ପବିତ୍ର ଏତାଲା ଆଧାରରେ ଥାନାରେ ୪ଜଣଙ୍କ ନାମରେ ୨/୨୪ନଂ ମାମଲା ଅପେକ୍ଷାକୃତ କୋହଳ ଦଫା ଲଗାଇ ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ବଡବାପା କାହ୍ନୁ ଦାଣ୍ଡ ଅଳିଆକୁ ଚିତ୍ତଙ୍କ ଘର ଆଡକୁ ପକାଉଥିଲା। ଚିତ୍ତ ଏହାର ପ୍ରତିବାଦ କରିବାରୁ କାହ୍ନୁ, ପତ୍ନୀ ସତ୍ୟଭାମା, ପୁତ୍ର ସିଲୁ, ଝିଅ ଚିନ୍ମୟୀ ମିଳିତ ଭାବେ ମାରଣାସ୍ତ୍ର ସହାୟତାରେ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇଥିବା ଚିତ୍ତଙ୍କୁ ପ୍ରଥମେ ଭଣ୍ଡାରିପୋଖରୀରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭଦ୍ରକ ଓ ଶେଷରେ କଟକ ବଡଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା। ଶନିବାର ଦିନ ୨ଟା ବେଳେ ଚିତ୍ତରଞ୍ଜନ ମୃତ୍ୟୁବରଣ କରିଥିଲେ। ଅନ୍ୟପକ୍ଷରେ କାହ୍ନୁଙ୍କ ପତ୍ନୀ ସତ୍ୟଭାମାଙ୍କ ଅଭିଯୋଗ ଆଧାରରେ ୧/୨୪ନଂ ମାମଲା ଟାଣ ଦଫା ଲଗାଇ ପୁଲିସ ଚିତ୍ତ, ପତ୍ନୀ ପ୍ରମିଳା ଓ ପୁତ୍ର ଗୌରଙ୍କ ନାମରେ ରଜୁ କରିଥିଲା। ଘଟଣାକୁ ୭ ଦିନ ବିତିଯାଇଥିଲେ ବି ପୁଲିସ ତୁନି ପଡିଥିଲା ଓ କାହାକୁ ଗିରଫ କରିନଥିଲା। କେବଳ ଅଭିଯୋଗର ଲେଖାକୁ ଆଳ କରି ପୁଲିସ ପକ୍ଷପାତ ଦଫା ଲଗାଇବା ଓ ଘଟଣାକୁ ବାସ୍ତବ ଅନୁଧ୍ୟାନ ନକରିବା ଫଳରେ ଆକ୍ରମଣକାରୀ ପୁଲିସ ସୁରକ୍ଷା ପାଇଥିବା ଅଭିଯୋଗ ହୋଇଛି। ଚିତ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲେ ବି ପୁଲିସ ହତ୍ୟା ଉଦ୍ୟମ ଦଫା କାହିଁକି ଲଗାଇ ନଥିଲା ତାହାକୁ ନେଇ ପ୍ରଶ୍ନ ହୋଇଛି।

## ଭିଡିଓ ସୁଟିଂ ବେଳେ ଯୁବକଙ୍କୁ ଆକ୍ରମଣ

**ମଞ୍ଜୁରୀରୋଡ,୬ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟ ମହୁରା ଠାରେ ରିଲସ ସୁଟିଂକୁ ନେଇ ଜଣେ ଯୁବକକୁ ଆକ୍ରମଣ ହୋଇଥିବା ଜଣାପଡିଛି । ପାଇମହୁରା ଛକ ସ୍ଥିତ ଜାତୀୟ ରାଜପଥ ବାଇପାସ ରାସ୍ତାରେ ଦିନ ପ୍ରାୟ ୨ଟା ବେଳେ ତିନିଜଣ ଯୁବତୀ ଓ ଚାରିରୁ ପାଞ୍ଚ ଜଣ ଯୁବକ ରିଲସ୍ ସୁଟିଂ ରେ ବ୍ୟସ୍ତ ଥିଲେ। ଏହି ସମୟରେ ଯାଜପୁର ମଙ୍ଗଳପୁର ଅଞ୍ଚଳର ସନ୍ତୋଷ ମହାନ୍ତି ବାଇକ ଯୋଗେ ରାସ୍ତା ଅତିକ୍ରମ କରୁଥିବା ବେଳେ ଉଭୟ ଯୁବକ ଯୁବତୀ ମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ରିଲସ ଗୀତ ସୁଟିଂ ବେଳେ ତୁ କାହିଁକି ଏହି ରାସ୍ତା ଦେଇ ଗଲୁବୋଲି କହି ଯୁବକଙ୍କୁ ମିଳିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଦମକଳ ବାହିନୀ ଆହତ ଯୁବକଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ପରେ ଯୁବକ ଜଣକ ଅଭିଯୋଗ ନେଇ ଧାମନଗର ଥାନାକୁ ଯାଇଥିବା ଜଣାପଡିଛି। ଆକ୍ରମଣରେ ସଂପୃକ୍ତି ଅଭିଯୋଗକୁ ନେଇ ପୁଲିସ ଜଣକୁ ଅଟକ ରଖିଥିବା ସୂଚନା ମିଳିଛି।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ




**ଭଣ୍ଡାରିପୋଖରୀ,୬ ।୧(ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଆଜି ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ। ମନୁଷ୍ୟ କୃତ ଦୁର୍ଘଟଣାକୁ ଏଡେଇ। ପାଇଁ କାର୍ଯ୍ୟକ୍ରମରେ ପରାମର୍ଶ ଦିଆ ଯାଇଥିଲା। ସହକାରୀ ଥାନା ଅଧିକାରୀଣୀ ସ୍ନେହପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ବୁଦ୍ଧିରାମ ପୂର୍ତ୍ତୀ, ରତିକାନ୍ତ ବେହେରା,ଉଦୟ ଭାନୁ ପାତ୍ର,ଭାନୁ ଚରଣ ସିଂ, ସଂଗୀତା ପଢିଆରୀ, ଜେମା ଗେ, ଭୀମା ସିଂ, ପପୁ ସେଠୀ, ସୁଦାମ ମଲ୍ଲିକ ପ୍ରମୁଖ ପ୍ଲାଏ କାର୍ଡ ଧରି ବଜାର ପରିକ୍ରମା କରିବା ସହିତ ଲୋକମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

**'ପେଶାରେ ଶିକ୍ଷକତା; ନିଶାରେ ରକ୍ତଦାତା'**

## ୪୮ ଥର ରକ୍ତଦାନ କରିଲେଣି କୃଷ୍ଣଚନ୍ଦ୍ର

**ଭଦ୍ରକ,୬ ।୧(ସମିସ):** ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ବ୍ରହ୍ମପୁର ଗାଁର ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (୪୧) ଜଣେ ନିଆରା ସମାଜସେବୀ। ପେଶାରେ ଶିକ୍ଷକତା କରୁଥିବା ଏହି ମଣିଷଙ୍କ ନିଶା ହେଉଛି ରକ୍ତଦାନ କରିବା। ଅଦ୍ୟାବଧି କୃଷ୍ଣଚନ୍ଦ୍ର ସ୍ୱେଚ୍ଛାକୃତ ଭାବେ ୪୮ଥର ରକ୍ତଦାନ କରି ସାରିଲେଣି। ପ୍ରକାଶ ଥାଉକି, ବ୍ରହ୍ମପୁର ଗାଁର ସ୍ୱର୍ଗତ ପଦ୍ମନାଭ ପାଣିଗ୍ରାହୀଙ୍କ ପୁଅ କୃଷ୍ଣଚନ୍ଦ୍ର ଭଦ୍ରକ ପୁରୁଣା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷକତା କରନ୍ତି। ସେ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପାଠ୍ୟକ୍ରମ ପଢାନ୍ତି। ତେବେ ସେ ଗତ ୨୦୧୦ରେ ଅର୍ଥାତ ତାଙ୍କୁ ଯେତେବେଳେ ୨୭ବର୍ଷ ବୟସ ସେବେଠାରୁ ସେ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ଆସୁଛନ୍ତି। ଜଣା ହେଉ କି ଅଜଣା ରୋଗୀ ହେଉ, ଅବା ଦୁର୍ଘଟଣାଗ୍ରସ୍ତ ହେଉ ସେ ରକ୍ତଦାନ କରି ଜୀବର ରକ୍ଷା କରିବାକୁ ଆଗଭର ହୋଇପଡନ୍ତି । 'ଆତ୍ମପ୍ରଚାର ପାଇଁ ନୁହେଁ ମୁଁ ଆତ୍ମସନ୍ତୋଷ ପାଇଁ ରକ୍ତଦାନ କରୁଛି' ବୋଲି କହିଛନ୍ତି କୃଷ୍ଣଚନ୍ଦ୍ର । ରକ୍ତ ପାଇଁ କାହାରି ଜୀବନ ନଯାଉ ବୋଲି ତାଙ୍କୁ ତାଙ୍କ ମା'ହେମଲତା ପାଣିଗ୍ରାହୀ କହିବା ସହ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିବା ସେ କହିଛନ୍ତି। ଅଦ୍ୟାବଧି କୃଷ୍ଣଚନ୍ଦ୍ର ୪୮ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସାରିଲେଣି। ଆଗକୁ ବି ଏହା ଜାରି ରହିବ ବୋଲି ସେ କୁହନ୍ତି। ସେ ୪୭ଥର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ଗୁରୁତର ରୋଗୀଙ୍କୁ ରକ୍ତଦାନ କରିଥିବା ବେଳେ ଥରେ ମାତ୍ର ବାଲେଶ୍ୱର ହସ୍ପିଟାଲକୁ ଯାଇ ରକ୍ତଦାନ କରିଥିବା କଥା କହିଛନ୍ତି। ତାଙ୍କ ବ୍ଲଡ୍ ଗ୍ରୁପ ବି ପଜେଟିଭ୍ । ଯେତେବେଳେ ରକ୍ତର ଆବଶ୍ୟକତା ହୁଏ, ଆମେ ଖବର ଦେଲେ ତୁରନ୍ତ ରକ୍ତଦାତା କୃଷ୍ଣ ଚନ୍ଦ୍ର ଆସି ରକ୍ତଦାନ କରନ୍ତି ବୋଲି ଭଦ୍ରକ ରକ୍ତ ଭଣ୍ଡାର କାଉନସେଲର ରତିକାନ୍ତ ବଳ କହିଛନ୍ତି। କେବଳ ଏତିକି ନୁହେଁ ପାଠ ପଢାଉଥିବା ଛାତ୍ରଛାତ୍ରୀଙ୍କୁ ରକ୍ତଦାନ ଭଳି ମହତ ଦାନ କରି ଜୀବନ ବଂଚାଇବାକୁ ସେ ନିୟମିତ ପ୍ରେରଣା ବି ଦିଅନ୍ତି। ସତରେ ବିନା ପ୍ରଚାର ପ୍ରସାରରେ ଜୀବନ ବଞ୍ଚାଇବା ଲକ୍ଷ୍ୟରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଭଳି ଜଣେ ଶିକ୍ଷକଙ୍କ ମହତ କାର୍ଯ୍ୟ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ଏକ ଉଦାହାରଣ ତଥା ପ୍ରେରଣା ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।




**ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା**

## ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ



**ଭଦ୍ରକ,୬ ।୧(ସମିସ):** ସ୍ଥାନୀୟ ଐତିହାସିକ ଗାନ୍ଧୀପଡିଆ ଠାରେ ସଞ୍ଜୀବ ହିରୋ ପ୍ରଯୋଜନାରେ ଅନୁଷ୍ଠିତ ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇଥିଲେ। ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ, ଭଦ୍ରକ ହେଉଛି ଭାଇଚାରାର ସହର। ଭଦ୍ରକ ଭୂଖଣ୍ଡରେ ବିଭିନ୍ନ ସମୟରେ ସୌର, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଜୈନ, ଶିଖ୍, ଇସଲାମ୍ ଓ ଇଶାଇ ଧର୍ମର ଧର୍ମଗୁରୁଙ୍କ ସହିତ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ସ୍ୱୟଂ ଶ୍ରୀ ଚୈତନ୍ୟ ପଦାର୍ପଣ କରିଛନ୍ତି। ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମସା ପରି ବହୁ ସାହିତ୍ୟ, ନାଟକ ହିନ୍ଦୁ ଓ ଇସଲାମ୍ ଧର୍ମର ସଂଯୋଗ ସେତୁ ବୋଲି କହିବା ସହ ଭଦ୍ରକର ଐତିହ୍ୟ ଓ ପରମ୍ପରା ବଜାୟ ରଖିବାକୁ ଗାନ୍ଧୀପଡିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ସାମ୍ବାଦିକ ବନ୍ଧୁମାନେ ଆୟୋଜନ କରିଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ମହୋତ୍ସବ କମିଟି ସଭାପତି ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, କାଉନସିଲର ସେକ୍ ସଇଦ୍, କାଉନସିଲର ସ୍ୱାଗତିକା ନାୟକ, କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ଦାସ, କମିଟି ସମ୍ପାଦକ ତଥା କାଉନସିଲର ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ସାମ୍ବାଦିକ ପ୍ରିୟଦର୍ଶନ ବୋଇତି, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଜଗବନ୍ଧୁ ବେହେରା, ଆବାହକ ସାମ୍ବାଦିକ ଅବିନାଶ ପଣ୍ଡା, ସୁବ୍ରତ ଦୀକ୍ଷିତ, ଶୁଭଦୀପ ମଲ୍ଲିକ, ଶଙ୍କର୍ଷଣ ରାଓ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, ଶିକ୍ଷୟିତ୍ରୀ ମନୋରମା ରାୟ, ସଦସ୍ୟା ତେଜସ୍ୱନୀ ଦାସ, ସସ୍ମିତା ବଳ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ମେଲୋଡି କୁଇନ୍ ଅସୀମା ପଣ୍ଡାଙ୍କ ଗୀତର ନୃତ୍ୟରେ ଦର୍ଶକମାନେ ବିଭୋର ହୋଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କର ସମାଗମ ହୋଇଥିଲା।

## ସୁଜନପୁର ଆଞ୍ଚଳିକ ପଞ୍ଚାୟତ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରନ୍ତୁ'

**ଯାଜପୁର, ୬ ।୧(ସମିସ)**




ଯାଜପୁର ବ୍ଲକ ଅନ୍ତର୍ଗତ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ା, ସଙ୍ଗୀତ, ନୃତ୍ୟ, ଅଭିନୟ ଓ ପାରମ୍ପରିକ ଲୋକକଳାରେ ପାରଦର୍ଶିତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ନିଜେ ଆତ୍ମନିର୍ଭରଶୀଳ ହେବା ସହ ରାଜ୍ୟର ପ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଦିନ ଥିଲା ଓଡ଼ିଶା ରାଜ୍ୟ ଦାରିଦ୍ର୍ୟ ମଧ୍ୟରେ ପରିଗଣିତ ହେଉଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶାସନ ଭାର ଗ୍ରହଣ ପରେ ଆଜି ଆମ ରାଜ୍ୟ ଦେଶର ଏକ ଅଗ୍ରଗଣ୍ୟ ରାଜ୍ୟ ଭାବେ ପରିଗଣିତ ହୋଇ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତ୍ୟେକ ଯୁବ ଛାତ୍ର ଶିକ୍ଷା ବ୍ୟତୀତ ସମାଜରେ ନିଜକୁ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ, ମୁଖ୍ୟମନ୍ତ୍ରୀ ଓ '୫-ଟି' ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଯୋଗଦେଇ ଯୁବ ଓ ଛାତ୍ର ସମାଜକୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ତା'ର ସଦୁପଯୋଗ କରି ଅଧ୍ୟୟନ ସହିତ ଯେକୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜେ ଆତ୍ମନିର୍ଭରଶୀଳ ହୋଇପାରିଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବିଷ୍ଣୁପ୍ରିୟା ମହାକୁଡ ନିଜର ଚିରାଚରିତ ଢଙ୍ଗରେ ଯୁବ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପାଠପଢ଼ା ସହିତ ଉତ୍ତମ ସଂସ୍କାର ଓ ନିଜକୁ ସାମାଜିକ କାର୍ଯ୍ୟରେ ସାମିଲ ହେବା ପାଇଁ ପରାମର୍ଶ ଦେବା ସହ ଖେଳ, ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ଅଭିନୟ ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟର ଟେକ ରଖିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମିତି ସଭ୍ୟ ନାରାୟଣ ଜେନା, ବିଜୁ ଜନତା ଦଳର ବରିଷ୍ଠ ନେତା ଗଣେଶ ଚନ୍ଦ୍ର ମହାକୁଡ, ନୋଡାଲ ଅଫିସର ଚିତ୍ତରଞ୍ଜନ ସାମଲ ଓ ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛତ୍ରୀ ସହଯୋଗ କରିଥିଲେ । ଅଧ୍ୟାପକ ଗଣେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଉତ୍ସବ ଓ ଚାରାରୋପଣ



**ବାରବାଟୀ, ୬ ।୧ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ୟୁକୋ ବ୍ୟାଙ୍କ ବାରବାଟୀ ଶାଖାରେ ୮୨ତମ ପ୍ରତିଷ୍ଠା ଉତ୍ସବ ଓ ବାରବାଟୀ ସଂସ୍କୃତ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ସନ୍ଦୀପ କୁମାର ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ମିଷ୍ଟାନ୍ନ ଓ ବ୍ୟାଙ୍କ କ୍ୟାଲେଣ୍ଡର ବଣ୍ଟନ କରିଥିଲେ । ପରେ ବାରବାଟୀ ସଂସ୍କୃତ ମହାବିଦ୍ୟାଳୟକୁ ଯାଇ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ ଓ ଚାରାରୋପଣ କରିଥିଲେ । ବ୍ୟାଙ୍କ ଫିଲଡ ଅଫିସର ସୁବର୍ଣ୍ଣା ଲୋଧା, କର୍ମଚାରୀ ଅମର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ସୋମନାଥ ନାୟକ, ଅଧ୍ୟାପକ ସରୋଜ ପ୍ରଧାନ, ମୋହନ ଚନ୍ଦ୍ର ପ୍ରଧାନ, ବିଜୟ ନାୟକ, ଅଧ୍ୟାପିକା ସ୍ମିତା ପଡ଼ିହାରୀ, ରଶ୍ମିରେଖା ସିଂ, ସମାସେବୀ ଶୁକଦେବ ସାହୁ, ଭରତ ଦାସ, ପୀତାମ୍ବର ମହାନ୍ତି ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ ।

## ଶିକ୍ଷାବିତ୍ ନବକିଶୋର ମିଶ୍ରଙ୍କ ପରଲୋକ



**ଦଶରଥପୁର, ୬ ।୧(ସମିସ):** ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଡଃ ନବକିଶୋର ମିଶ୍ର (୬୯)ଙ୍କ ପରଲୋକ ଘଟିଛି । ହୃଦ୍‌ଘାତରେ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଛି । ୧୯୫୫ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମିଶ୍ର ଦଶରଥପୁର ହାଇସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ କନିକାପଡ଼ାସ୍ଥ ସାଧୁଗୌରେଶ୍ୱର ବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ । ସେହି ମହାବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଭାବେ ଚାକିରିରୁ ଅବସର ଗ୍ରହଣ କରିବା ପରେ ଦଶରଥପୁରର ସାରସ୍ୱତ ସାହିତ୍ୟ ସଂସ୍କୃତିକ ପରିଷଦ ନାମରେ ଏକ ଅନୁଷ୍ଠାନ ଗଢ଼ି ସାହିତ୍ୟର ପ୍ରସାର ପ୍ରଚାର ନିମନ୍ତେ କାର୍ଯ୍ୟ କରିଆସୁଥିଲେ । ତାଙ୍କ ବିୟୋଗରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶୀ ଦାସ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ମନସ୍ୱିନୀ ଦାସ, ଅଧ୍ୟାପକ ରବିନାରାୟଣ ଦାସ, ଦାମୋଦର ବେହେରା, ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାପାତ୍ର, ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ବୁଖାରିର ଜାମିନ ଆବେଦନ ଖାରଜ

**ବଡ଼ଚଣା, ୬ ।୧(ସମିସ):** ଜାଲ୍ କାଗଜପତ୍ର ଦେଖାଇ ବିଭିନ୍ନ ଠକାମୀରେ ଗିରଫ ହୋଇଥିବା କାଶ୍ମୀର ଅଞ୍ଚଳର ସନ୍ଦିଗ୍ଧ ଯୁବକ ସୟଦ ଇଶାନ ବୁଖାରିର ଆଜି ଜାମିନ ଆବେଦନ ଖାରଜ ହୋଇଛି । ବୁଖାରି ବିରୋଧରେ ନାନା ସଙ୍ଗୀନ ଅଭିଯୋଗ ଦର୍ଶାଇ ଏସଟିଏଫ୍ ଧର୍ମଶାଳା ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା । ପରେ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ଯାଜପୁରରୋଡ ସବଜେଲରେ ତାଙ୍କୁ ରଖାଯାଇଛି । ଆଜି ବୁଖାରିର ଜାମିନ ଆବେଦନ ପାଇଁ ଚଣ୍ଡିଖୋଲ କୋର୍ଟରେ ନିବେଦନ କରାଯାଇଥିଲା । ଚଣ୍ଡିଖୋଲ କୋର୍ଟର ସହକାରୀ ଦୌରାଜ ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ବୁଖାରିର ଜାମିନ ଆବେଦନକୁ ଖାରଜ କରିଦେଇଥିବା ଜଣାପଡ଼ିଛି ।

## ଡକ୍ଟର ବିଜୟ ସାମଲଙ୍କୁ ବିରଜା ଜ୍ୟୋତି ସମ୍ମାନ

**ଯାଜପୁର, ୬ ।୧(ସମିସ):** ଯାଜପୁରର ଐତିହ୍ୟ ସଂସ୍କୃତି ଆଧାରିତ ଏକମାତ୍ର ଗବେଷଣାତ୍ମକ ଷାଣ୍ମାସିକ ସାଂସ୍କୃତିକ ପତ୍ରିକା 'ବିରଜା ଜ୍ୟୋତି'ର ୪୩ତମ ସଂସ୍କରଣର ଶୁଭ ଉନ୍ମୋଚନ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ୧୩ ତାରିଖ ଶନିବାର ୧୦ଘଟିକା ସମୟରେ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମାରକୀ ପାଠାଗାର ପରିସରରେ ଅନୁଷ୍ଠିତ ହେବ । ଏ ଅବସରରେ ଯାଜପୁରର ବିଶିଷ୍ଟ ଗବେଷକ ପ୍ରଫେସର ଡକ୍ଟର ବିଜୟ କିଶୋର ସାମଲଙ୍କୁ ୨୦୨୩ ବର୍ଷ ପାଇଁ 'ବିରଜା ଜ୍ୟୋତି' ସମ୍ମାନ ପ୍ରଦାନ କରାଯିବ ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ଡକ୍ଟର ଜ୍ଞାନରଞ୍ଜନ ପତି ଜଣାଇଛଛନ୍ତି । ଏଥିସହିତ 'ବିରଜା ଚେତନାରେ ବୈଦିକଧାରା' ଶୀର୍ଷକ ବିଷୟରେ ଗବେଷକ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରି ଆଲୋଚନା କରିବେ ବୋଲି ଡକ୍ଟର ପତି ଜଣାଇଛନ୍ତି ।

## ଆଲୁମିନି କପ୍ କ୍ରିକେଟ୍ ୧୩ରୁ

**ଶଙ୍ଖଚିଲା, ୬ ।୧(ସମିସ):** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତସ୍ଥ ହିଙ୍ଗୁଳା ହାଇସ୍କୁଲର ପୁରାତନ ଛାତ୍ରଙ୍କୁ ନେଇ ଆଲୁମିନି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ୧୯୮୭ ମ୍ୟାଟ୍ରିକ ବ୍ୟାଚ୍‌ରୁ ଆରମ୍ଭ କରି ୨୦୨୩ ପର୍ଯ୍ୟନ୍ତ ମୋଟ ୩୬ଟି ବ୍ୟାଚ୍ ଦଳକୁ ନେଇ ଉକ୍ତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏହି ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ଓ ୧୪ ଦୁଇଦିନ ଧରି ଆୟୋଜିତ ହେବ । ଏହି ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ନିମନ୍ତେ ପୂର୍ଣ୍ଣଚନ୍ଦ୍ର ସାହୁ, ଆଲେକଜାଣ୍ଡାର ଦାସ, ଶିଶିର ସାହୁ, ଶରତ ସାହୁ, ରମାକାନ୍ତ ବେହେରା, ରଜତ ନାୟକ, ଉମେଶ ଦାସ, ମହେନ୍ଦ୍ର ବେହେରା, ବିକାଶ ସାହୁ, ଅଞ୍ଜନ ସାମଲ, ମଦନମୋହନ ବେହେରା, ମୁରଲୀ ପାଢ଼ୀ, ସୌମ୍ୟକାନ୍ତ ରଥ, କାହ୍ନୁ ରଣା, ନାରାୟଣ ପଣ୍ଡା, ସନ୍ତୋଷ ପାଢ଼ୀ, ରାଜେଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ବୈଠକରେ ଆଲୋଚନା କରିଥିଲେ ।

## ଧର୍ମପ୍ରାଣାଙ୍କ ପରଲୋକ



**ଦଶରଥପୁର, ୬ ।୧ (ସମିସ):** ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ ପଞ୍ଜରା ସାହି ଗ୍ରାମର ଧର୍ମପ୍ରାଣା ମହିଳା କୁମୁଦପ୍ରଭା ନାୟକ (୭୫)ଙ୍କ ପରଲୋକ ହୋଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ରହି ଘରେ ଚିକିତ୍ସାଧୀନ ଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଅରୁଣ ନାୟକ, ସାନପୁଅ ଦିଲ୍ଲୀପ ନାୟକ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଗ୍ରାମର ମୁରବୀ ମାନଗୋବିନ୍ଦ ନାୟକ, ଶଶଧର ନାୟକ, ସମାଜସେବୀ କୌଶିକ ଦାସ, ଯୁବ ନେତା ଜ୍ୟୋତି ରଞ୍ଜନ ପରିଡ଼ା, ରଞ୍ଜନ ମଲ୍ଲିକ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ବିଜେଡି ନେତା ମୁକ୍ତିକାନ୍ତ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ବିଶିଷ୍ଟ ଦାର୍ଶନିକ ପ୍ରଫେସର ଗୌରାଙ୍ଗ ଚରଣ ନାୟକଙ୍କ ପରଲୋକ



**ଭୁବନେଶ୍ୱର, ୬ ।୧(ସମିସ):** ବିଶିଷ୍ଟ ଦାର୍ଶନିକ ତଥା ପୁରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୌରାଙ୍ଗ ଚରଣ ନାୟକଙ୍କ ଶୁକ୍ରବାର ରାତିରେ ସ୍ଥାନୀୟ ଆଇଆରସି ଭିଲେଜସ୍ଥ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା ଓ ସେ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ, ଏକମାତ୍ର କନ୍ୟା, ପତ୍ନୀ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ଥାନୀୟ ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ହୋଇଛି ।

ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହରେ ଜନ୍ମିତ ପ୍ରଫେସର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ଜଣେ ଉଚ୍ଚକୋଟୀର ଛାତ୍ର ବତ୍ସଳ ଶିକ୍ଷକ ଓ ଗବେଷକ ଭାବେ ତାଙ୍କର ଖ୍ୟାତି ଥିଲା । ସେ ମଧ୍ୟ ପୁରୀସ୍ଥ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ବିୟୋଗରେ ତାଙ୍କର ଛାତ୍ରଛାତ୍ରୀ, ସହକର୍ମୀ ଓ ଜଣାଶୁଣା ମହଲରେ ଶୋକ ପ୍ରକାଶ ପାଇଛି । ବାଣୀବିହାର ଦର୍ଶନ ବିଭାଗ ପକ୍ଷରୁ ମଧ୍ୟ ପ୍ରଫେସର ନାୟକଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଥିଲା ।

## ଆନ୍ତଃକଲେଜ କ୍ରିକେଟ୍: ମହିମା କଲେଜ ବିଜୟୀ

**ବ୍ୟାସନଗର, ୬ ।୧(ସମିସ):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାୟୋଜିତ +୩ ଆନ୍ତଃକଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅମୂଲ୍ୟକୃଷ୍ଣ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡ଼ା ସଂସଦ ଉପସଭାପତି କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ରାଉତ, ରାଧିକା ରଞ୍ଜନ କାନୁନଗୋ, ଗୁରୁପ୍ରସନ୍ନ ସାହୁ, ଗୋପାଳ ଚନ୍ଦ୍ର ବେହେରା, ବାଉରୀବନ୍ଧୁ ଦାସ, ଶରତ କୁମାର ଜେନା, ସ୍ମୃତିରଞ୍ଜନ ରାଉତ, ବିଦ୍ୟାଧର ରାଉତ, ମନୋଜ କୁମାର ଦଣ୍ଡପାଠ, ରଞ୍ଜନ କୁମାର ସାହୁ, ମାନସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ମ୍ୟାଚ୍ ମହିମା କଲେଜ ଯୋରନ୍ଦା ଓ ହିନ୍ଦୋଳ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ହିନ୍ଦୋଳ କଲେଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୦୮ ରନ୍ କରିଥିଲା । ଜବାବରେ ମହିମା କଲେଜ ୧୪.୨ ଓଭରରେ ୪ ୱିକେଟ ବିନିମୟରେ ୧୧୪ ରନ୍ କରି ବିଜୟୀ ହୋଇଥିଲା । ତେଜ୍‌ହୋଣ୍ଡା ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ବିଶ୍ୱଜିତ ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ପବିତ୍ର ମଲ୍ଲିକ, ଦୁର୍ଗାପ୍ରସାଦ ପଟ୍ଟନାୟକ, ନିରଞ୍ଜନ ପୃଷ୍ଟି, ଶୁଭମ ସିଂହ ଓ ଶୁଭମ୍ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ ।

## ବିଏମ୍‌ଏସ୍‌ଏସ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଦଶରଥପୁର, ୬ ।୧ (ସମିସ):** ଦଶରଥପୁର ବ୍ଲକ ଚିତାଲୋ ପଞ୍ଚାୟତର ଅଶୋକ ଦାସ ଖେଳ ପଡ଼ିଆରେ ବଜ୍ର ମହାକାଳୀ ସନସାଇନ୍ କ୍ରିକେଟ କ୍ଲବ ପକ୍ଷରୁ ଅଷ୍ଟମ ବାର୍ଷିକ ବିଏମ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ମ୍ୟାଚ୍ କଟକ ଜୁଭେନାଇଲ କ୍ରିକେଟ କ୍ଲବ୍ ଓ ଭଦ୍ରକର ୟୁନିକ୍ କ୍ରିକେଟ ଏକାଡ଼େମୀ ମଧ୍ୟରେ ଖେଳାଯାଇଥିଲା । ଆମନ୍ତ୍ରଣ ପାଇ ଭଦ୍ରକ ୟୁନିକ୍ କ୍ରିକେଟ ଏକାଡ଼େମୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୪୫ ରନ୍ ସଂଗ୍ରହ କରିଥିଲା । ଜବାବରେ କଟକ ଜୁଭେନାଇଲ କ୍ରିକେଟ କ୍ଲବ୍ ୧୫.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୧ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା । ଭଦ୍ରକ ୟୁନିକ୍ କ୍ରିକେଟ ଏକାଡ଼େମୀର ଶାନ୍ତନୁ ଦାସ ୧୨୪ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଆଶୁତୋଷ ପାଣି ଓ ବିପି ମଲ୍ଲିକ ଖେଳ ପରିଚାଳନା କରିଥିଲେ । କ୍ଲବର ସଭାପତି ଦିଲ୍ଲୀପ ମହାନ୍ତି, ସନ୍ତୋଷ ନାୟକ, ସତ୍ୟରଞ୍ଜନ ଖୁଣ୍ଟିଆ, ଅବିନାଶ ମହାନ୍ତି, ତପନ ଦାସ, ସଂଗ୍ରାମ ମହାନ୍ତି, ରଣଜିତ ଦାସ୍, ରାହୁଲ ସ୍ୱାଇଁ ଓ ପ୍ରସନ୍ନଜିତ ଜେନା ପ୍ରମୁଖ ସହଯୋଗ କରିଥିଲେ ।

## ସୁସ୍ଥ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ଭେଟିଲେ ବରୀ ବିଧାୟିକା



**ବାଲିଚନ୍ଦ୍ରପୁର, ୬ ।୧(ସମିସ):** ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ତଥା ବିଶିଷ୍ଟ ସଂଗ୍ରାମୀ ନୀଳମଣି ସାମଲ ଅସୁସ୍ଥ ଅଛନ୍ତି । ଆଜି ବରୀ ବିଧାୟିକା ସୁନନ୍ଦା ଦାସ ତାଙ୍କ ବାଲିପଡ଼ିଆସ୍ଥ ବାସଭବନରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ । ତେବେ ଏହି ସାକ୍ଷାତ ସମୟରେ ବିଧାୟିକା ଶ୍ରୀମତୀ ଦାସ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏଥିସହିତ ବିଧାୟିକା ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

## ବରକୋଳିପାଟଣା-ନଠୁଆବର ରାସ୍ତାର ଶିଳାନ୍ୟାସ



**ବାରବାଟୀ, ୬ ।୧ (ସମିସ):** ରସୁଲପୁର ବ୍ଲକ ଜାବରା ପଞ୍ଚାୟତର ବରକୋଳିପାଟଣାଠାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବରକୋଳିପାଟଣା-ନଠୁଆବର ରାସ୍ତାର ଶିଳାନ୍ୟାସ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇ ନ ଥିବାବେଳେ ଏଥିପାଇଁ ୬.୪୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା ସୂଚନା ଦେଇଛନ୍ତି । ରାସ୍ତାଟି ବରକୋଳିପାଟଣାଠାରୁ କାଣ୍ଡସରା, କୋରକରା, କୃଷ୍ଣନଗର, କପାଳି, ଶବରସାହି ଦେଇ ନଠୁଆବର ପର୍ଯ୍ୟନ୍ତ ନିର୍ମାଣ ହେବ । ଚୁକ୍ତି ସ୍ୱାକ୍ଷର ହୋଇ ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ଶ୍ରୀ ମହାରଣା ସୂଚନା ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ଯାବରା ସରପଞ୍ଚ ଝରଣା ତରାଇ, ସମିତିସଭ୍ୟା ମାନସୀ ମଲିକ, ୩୪ନଂ ଜିଲ୍ଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ, ନଠୁଆବର ସରପଞ୍ଚ ଧ୍ରୁବାନନ୍ଦ ଦେଓ, ସୂର୍ଯ୍ୟମଣି ପଣ୍ଡା, ବିମ୍ବାଧର ବିଶ୍ୱାଳ, ମନୋଜ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଏହି ରାସ୍ତା ଦ୍ୱାରା ୩ଟି ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ଉପକୃତ ହେବେ ।

## ଡ୍ରାଇଭର ମହାସଂଘର ଆନ୍ଦୋଳନ ସ୍ଥଗିତ



**ଯାଜପୁର/ସୁକିନ୍ଦା/କବାଟବନ୍ଧ, ୬ ।୧(ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ପରିବହନ ଆଇନ 'ହିଟ୍ ଆଣ୍ଡ ରନ୍'କୁ ବିରୋଧ କରି ଆଜି ଡ୍ରାଇଭର ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି । ଯାଜପୁର ସଦର ଶାଖାର ପାଖାପାଖି ୩୦୦ରୁ ଅଧିକ ଡ୍ରାଇଭର କୁଆଖିଆ-ଯାଜପୁର ୨୦ ନମ୍ବର ଜାତୀୟ ରାଜପଥର ଗଜିପାଢ଼ୀ ଛକରେ ଏକତ୍ରୀତ ହୋଇ କେନ୍ଦ୍ର ସରକାରଙ୍କ କଳା ଆଇନକୁ ବିରୋଧ କରିଥିବା ଦେଖିବାକୁ ମିଳିଥିଲା । ତେବେ ରାଜ୍ୟ ସରକାର କେତେକ ଦାବି ପୂରଣ କରିଥିବାରୁ ଡ୍ରାଇଭର ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି । ସଭାପତି ଉପମନ୍ୟୁ ପତି, ଉପସଭାପତି ଗଣେଶ ଚନ୍ଦ୍ର ଜେନା, ସମ୍ପାଦକ ଦିଗମ୍ବର ସାହାଣୀ, କୋଷାଧ୍ୟକ୍ଷ ବୃନ୍ଦାବନ ମଲ୍ଲିକ, ଉପଦେଷ୍ଟା ଦିଲ୍ଲୀପ ସିଂ ପ୍ରମୁଖ ସାମିଲ ଥିଲେ ।

ସେହିପରି ସୁକିନ୍ଦା ବ୍ଲକ ଶାଖା ପକ୍ଷରୁ ଡୁବୁରୀ ଓ ମଙ୍ଗଳପୁରଠାରେ ଆନ୍ଦୋଳନ କରାଯାଇଥିଲା । ଡୁବୁରୀ ଓ ମଙ୍ଗଳପୁର ଓଭରବ୍ରିଜ ନିକଟରେ ଶତାଧିକ ଡ୍ରାଇଭର ଧାରଣାରେ ବସିଥିଲେ । ସୁକିନ୍ଦା ବ୍ଲକ ଡ୍ରାଇଭର ସଂଘ ସଭାପତି ଶମ୍ଭୁନାଥ ମହାନ୍ତଙ୍କ ନେତୃତ୍ୱରେ ବଳରାମ ମହାନ୍ତ, ଲକ୍ଷ୍ମୀଧର ନାୟକ, ବାଗୁନ ହାଇବ୍ରୁ, ଶାନ୍ତନୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ଓଡ଼ିଶା ଡ୍ରାଇଭର ମହାସଂଘର ବ୍ରାହ୍ମଣୀ ବ୍ରିଜ ଶାଖା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା । ଏହି ଆନ୍ଦୋଳନରେ ଡ୍ରାଇଭର ମହାସଂଘର ବ୍ରାହ୍ମଣୀ ବ୍ରିଜ ଶାଖା ସଭାପତି, ସମ୍ପାଦକ, ଉପଦେଷ୍ଟାଙ୍କ ସମେତ ଶହ ଶହ ଡ୍ରାଇଭର ସାମିଲ ଥିଲେ ।

## ୨ଟି ଟ୍ରାକ୍ଟର ଜବତ, ୧ ଲକ୍ଷ ଜରିମାନା

**ଧର୍ମଶାଳା, ୬ ।୧ (ସମିସ):** ଧର୍ମଶାଳା ତହସିଲ ଅଧୀନସ୍ଥ ବାଜବାଟି କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇ ତହସିଲ ପକ୍ଷରୁ ଚଢ଼ଉ କରାଯାଇଥିଲା । ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ତପନ କୁମାର ମଲିକ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ବେଆଇନ କଳାପଥର ପରିବହନ କରୁଥିବା କଳାପଥର ବୋଝେଇ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଥିଲା । ସେମାନଙ୍କ ନିକଟରେ ଟ୍ରାଞ୍ଜିଟ ପାସ ନ ଥିବାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ବାଜାବାଟି କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ମାଫିଆ ଅନ୍ୟତ୍ର ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଛି । ମାତ୍ର ତହସିଲ ଓ ଥାନା ପକ୍ଷରୁ ଚଢ଼ଉ କରାଯାଉ ନ ଥିବାରୁ ମାଫିଆମାନେ ସକ୍ରିୟ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଚାଷ ଜମିରେ ରାସ୍ତା ନିର୍ମାଣକୁ ବିରୋଧ

**କବାଟବନ୍ଧ, ୬ ।୧ (ସମିସ)**



ଧର୍ମଶାଳା ତହସିଲ ଅନ୍ତର୍ଗତ କାଦୁଅ ବଉଳମାଳ ମୌଜାରେ ଚାଷ ଜମିକୁ ନଷ୍ଟ କରି କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ବିରୋଧ କରି ଆଇନର ଆଶ୍ରୟ ନେଇଛନ୍ତି ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମର ମହିଳା ଚାଷୀ କନକଲତା ପ୍ରଧାନ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏଲଏଚସି ରେଞ୍ଜ-୧୦ାରୁ ଜାମୁଝରି ଭାୟା ଭରତପୁରକୁ ରାସ୍ତା ନିର୍ମାଣ ପାଇଁ ସନ୍ତୋଷୀ କନଷ୍ଟ୍ରକସନ ନାମକ ଠିକା ସଂସ୍ଥା କାମ କରୁଛି । କିନ୍ତୁ ରାସ୍ତା ନିର୍ମାଣ ବେଳେ ଠିକାଦାର ଦକ୍ଷିଣ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ନିର୍ମାଣ ନ କରି ଚାଷଜମି ଆଡ଼କୁ ମଡାଇ ନିର୍ମାଣ କରୁଛନ୍ତି । ଉକ୍ତ ଚାଷୀଙ୍କ ଏହି ତହସିଲ ଅଧୀନ କାଦୁଅ ବଉଳମାଳ ମୌଜାରେ ରାସ୍ତା କଡ଼କୁ ଲାଗି ପ୍ଲଟ ନଂ-୭୧ରେ ଏ ୦.୮୦ ଡେସିମିଲ ଓ ପ୍ଲଟ ନଂ ୯୪ରେ ଏ୦.୫୦ ଡେସିମିଲ, ଖାତା ନଂ -୨୩୬ରେ ରକବା ଏ ୧.୦୩ ଡେସିମିଲ ଜମି ରହିଛି । ପୂର୍ବରୁ ରାସ୍ତା ନିର୍ମାଣ ପାଇଁ ଉକ୍ତ ଜମିରେ ମାଟି ପକାଇ ଜମି ନଷ୍ଟ କରି ପୋତିଥିବାରୁ ଗତ ବର୍ଷ ଅନେକଥର ସେ ଜାରକା-୨ (ଏସ୍‌ଇ) ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ବିଭାଗୀୟ ଅଧିକାରୀ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିବା କନକଲତା କହିଛନ୍ତି । ବାଧ୍ୟ ହୋଇ କନକଲତା ଯାଜପୁର ସବଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟଙ୍କ ଆଦେଶ ପରେ ଠିକାଦାର ଅଳ୍ପ କିଛି ମାଟି ଉଠାଇ କିଛି ପକାଇ ରଖିଥିବା ସେ ଅଭିଯୋଗ କରିଛନ୍ତି । ପୁନର୍ବାର ସେହି ସ୍ଥାନରେ କଂକ୍ରିଟ ୱାଲ ନିର୍ମାଣ କରିଥିଲେ । ଚାଷୀ ଜଣଙ୍କ ପୁନର୍ବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ସ୍ଥାନରେ ୧୪୪ ଧାରା ଜାରି ହୋଇଥିଲା । ଠିକାଦାର କୋର୍ଟ ଆଦେଶକୁ ଭ୍ରୁକ୍ଷେପ ନ କରି ମହିଳା ଚାଷୀଙ୍କୁ ଧମକ ଦେଇ କଂକ୍ରିଟ କାନ୍ଥ ନିର୍ମାଣ କରିଥିବା ସେ ଅଭିଯୋଗ କରିଛନ୍ତି । କାମ କରୁଥିବା ଠିକାଦାରଙ୍କ ଜବରଦସ୍ତ କାରଣରୁ ଚାଷୀ ଜଣଙ୍କ କ୍ଷତିଗ୍ରସ୍ତ ହେବା ସହ ବିଭାଗୀୟ ଅଫିସ ଓ କୋର୍ଟକୁ ଦୌଡ଼ି ଦୌଡ଼ି ଅଯଥା ଖର୍ଚ୍ଚାନ୍ତ ହେଉଥିବା ସେ ଅଭିଯୋଗ କରିଛନ୍ତି ।

### ପାନୀୟଜଳ ପ୍ରକଳ୍ପ

# ଅସାଧୁ ବ୍ୟକ୍ତିଙ୍କ ଅପବ୍ୟବହାର ଅଭିଯୋଗ

**କାଳିଆପାଣି, ୬ ।୧(ସମିସ)**

ଖଣି ଅଞ୍ଚଳରେ ପାନୀୟଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ଖଣି ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ପାନୀୟଜଳ ପ୍ରକଳ୍ପ କରାଯାଇଛି। ତେବେ କେତେକ ଅସାଧୁ ବ୍ୟକ୍ତି ଏହାର ଅପବ୍ୟବହାର କରୁଛନ୍ତି। ସେମାନେ ପ୍ରକଳ୍ପକୁ ଅକ୍ତିଆର କରି ପିଇବା ପାଣିର ଅପବ୍ୟହାର କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ଗତ ତିନିବର୍ଷ ପୂର୍ବେ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଖଣି ଅଞ୍ଚଳର ପ୍ରତି ପରିବାରକୁ ପିଇବା ପାଣି ଯୋଗାଇ ଦେବାକୁ ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇ ସଂକଳ୍ପ ନେଇଥିଲେ। ଏବେ ପ୍ରାୟ ଅଧିକାଂଶ ଘରକୁ ପିଇବା ପାଣି ପହଞ୍ଚିବାକୁ ଲାଗିଛି। ଯଦିଓ ଏହା ଏକ ବ୍ୟୟବହୁଳ ପ୍ରକଳ୍ପ ତଥାପି ଅନେକ ବାଧାବିଘ୍ନ ମଧ୍ୟରେ କାର୍ଯ୍ୟ ଆଗେଇଚାଲିଛି। ଖଣି ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳର ଆବଶ୍ୟକତା ବହୁତ ରହିଛି। ଦୁଃଖର ବିଷୟ କେତେକ ଅସାଧୁ ବ୍ୟକ୍ତି ଏହି ପାନୀୟଜଳକୁ ଅପବ୍ୟବହାର କରିବାକୁ ପଛାଉ ନାହାନ୍ତି। କେତେକ ପରିବାର ଏହାକୁ ବାଡ଼ି ବଗିଚାରେ ବ୍ୟବହାର କରୁଛନ୍ତି ତ କେତେକ ପରିବାର ଏହାକୁ ଅନ୍ୟତ୍ର ଅପବ୍ୟବହାର କରିଚାଲିଛନ୍ତି। ଖଣି ଅଞ୍ଚଳର ଅନେକ ଗାଁରେ ଏହାର ପ୍ରତ୍ୟକ୍ଷ ପ୍ରମାଣ ଦେଖିବାକୁ ମିଳିଛି। ଏହି ପାନୀୟଜଳ ପ୍ରକଳ୍ପର ଅଧିକାରୀଙ୍କ କହିବା ଅନୁଯାୟୀ ଏହି ପାଣି ପିଇବା ଉପଯୋଗୀ ହୋଇଥିବାବେଳେ ଏହାକୁ ଲୋକେ ଚାଷ କାମରେ ବ୍ୟବହାର କରିବା ଅତି ଦୁଃଖର ବିଷୟ। ଏଥିପାଇଁ ଜନସଚେତନତା ନିତ୍ୟାନ୍ତ ଆବଶ୍ୟକ। ପ୍ରତି ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଗାଁ ଲୋକଙ୍କୁ ଏହାର ଉପଯୋଗିତା ସମ୍ବନ୍ଧରେ ସଚେତନ କରାଇଲେ ଲୋକେ ପାଣିକୁ ଅପବ୍ୟବହାର କରିବେ ନାହିଁ ଓ ସମସ୍ତ ଉପଭୋକ୍ତା ସୂଚାରୁରୂପେ ପିଇବା ପାଣି ପାଇପାରିବେ। ଏହି ସମସ୍ୟା ଲାଗିରହିଲେ ଆଗାମୀ ଖରାଦିନେ ଖଣି ଅଞ୍ଚଳବାସୀ ପିଇବା ପାଣି ପାଇଁ ପୂର୍ବବର୍ଷ ଭଳି ହନ୍ତସନ୍ତ ହେବେ, ଏଥିରେ ସନ୍ଦେହ ନାହିଁ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଚାଉଳ ଓ ଗୁଆ ସଂଗ୍ରହ ଆରମ୍ଭ



**ଧର୍ମଶାଳା, ୬ ।୧(ସମିସ):** ଆସନ୍ତା ୧୭ ତାରିଖ ଦିନ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତି ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇ ପୁରୀ ଯିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏ ପରିପ୍ରେକ୍ଷୀରେ ଆଜି ଧର୍ମଶାଳା ବିକାଶ ପରିଷଦର ସଭାପତି ତଥା ବିଜେଡି ନେତା ଶ୍ରୀକାନ୍ତ ସାହୁ ଓ ସଂଗଠନର ଅନେକ ଯୁବକ ଓ ମହିଳା ବାରବାଟୀ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ପ୍ରତି ଗାଁର ଘରେ ଘରେ ପହଞ୍ଚି ଚାଉଳ, ଗୁଆ ଆଦି ଦାନ ଆକାରରେ ସଂଗ୍ରହ କରିଥିଲେ। ସଂଗ୍ରହ ଶେଷ ପରେ ପୁରୀ ପଠାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମ ୧୬ ତାରିଖ ଯାଏ ଚାଲିବ।

## ବରୁଣେଶ୍ୱର ହାଇସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ

**ବିଂଝାରପୁର, ୬।୧(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମକର ସଂକ୍ରାନ୍ତି ଦିନ ଅଖିଳଚକ୍ରର ମକର ମିଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୪ ଜଣ କୃତୀ ପ୍ରତିଯୋଗୀଙ୍କୁ ମକର ସଂକ୍ରାନ୍ତି ଦିନ ପୁରସ୍କୃତ କରାଯିବ। ପ୍ରତିଭା ଅନ୍ୱଷଣ କମିଟି ସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଭାର ବିକାଶ ନିମନ୍ତେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବବା ଆବଶ୍ୟକ ବୋଲି କହିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଲେ, ଅଖିଳଚକ୍ରର ଏହି ପ୍ରତିଭା ଅନ୍ୱେଷଣ ଜିଲ୍ଲାରେ ଏକ ସ୍ୱତନ୍ତ୍ରତା ହାସଲ କରିଛି। ଓଡିଆ ତର୍କ କ୍ଷେତ୍ରରେ କମଳାଦେବୀ ନବ ପ୍ରତିଭା ପୁରସ୍କାର, କଣ୍ଠ ସଙ୍ଗୀତରେ



ରତ୍ନମଣି ଦେବୀ ପ୍ରତିଭା ପୁରସ୍କାର, ସାଧାରଣ ଜ୍ଞାନରେ ଜୟନ୍ତୀ ନାୟକ ନବ ପ୍ରତିଭା ପୁରସ୍କାର, ପ୍ରବନ୍ଧ ଲିଖନରେ ରାମଚନ୍ଦ୍ର ସ୍ୱାଇଁ ସ୍ମୃତି ପୁରସ୍କାର, ଗଣିତ ମେଧାରେ ମଞ୍ଜୁଳା ଦେବୀ ସ୍ମୃତି ପୁରସ୍କାର, ନୃତ୍ୟରେ ଦେବାଶିଷ ବେହେରା ସ୍ମୃତି ପୁରସ୍କାର, ଚିତ୍ରାଙ୍କନରେ ପବିତ୍ରା ସାମଲ ସ୍ମୃତି ପୁରସ୍କାର, , କବିତା ଲିଖନରେ ବାଉଲୀ ସାହୁ କବିତା ପୁରସ୍କାର, ଏକକ ଅଭିନୟରେ ଅଦ୍ୱୈତ୍ୟ ବେଉରିଆ ସ୍ମୃତି ପୁରସ୍କାର, କୁଇଜ କ୍ଷେତ୍ରରେ ପଦ୍ମନାଭ ବିଶ୍ୱାଳ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡଃ ଶ୍ରୀହରି ଧଳ, ପୀତାମ୍ବର ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ଅକ୍ଷୟ କୁମାର ସେଠୀ, ବିଜୟ କୁମାର ଜେନା, ରବୀନ୍ଦ୍ର କୁମାର ପରିଡ଼ା, ଜୀତେନ୍ଦ୍ର କୁମାର ବେହେରା, ଶାନ୍ତାକାରବେହୁରିଆ, ଅଭୟ କୁମାର ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ବାଇଧର ମାଝି, ଭୋଳାନାଥ ଘୋଷ, ସୁବାସ ଚନ୍ଦ୍ର ମହାପାତ୍ର, ଅଞ୍ଜୁଶ୍ରୀ କର, ସତ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।

### ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍

## ୟୁନିଅନ୍ ସ୍ପୋର୍ଟିଂ-ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲ୍

**ଯାଜପୁର, ୬ ।୧(ସମିସ)**

ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଯାଜପୁର ବ୍ଲକ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଅଷ୍ଟମ ଦିବସରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ କଟକ ଓ ବାପୁଜୀ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ୟୁନିଅନ୍ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ୟୁନିଅନ୍ ସ୍ପୋର୍ଟିଂ ଟାଇଟଲ ମୁକାବିଲାରେ ରାଇଜିଂ ଷ୍ଟୁଡେଣ୍ଟକୁ ଭେଟିବ।



ୟୁନିଅନ୍ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ୮ ୱିକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭେଙ୍କଟେଶ ଭାଣ୍ଡେ ୫୭ ରନ୍, ପଙ୍କଜ ସେନାପତି ୨୪ ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବର ସୟଦ ଜାକି ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୨ଟି ୱିକେଟ୍ ନେଇଥିବାବେଳେ ଆଶିଷ ପ୍ରଧାନ ୪ ଓଭର ବୋଲିଂ କରି ୨୫ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ୍ ୨୪.୧ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୨୧ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା। ୟୁନିଅନ୍ ସ୍ପୋର୍ଟିଂର ସର୍ବେଶ୍ୱର ମହାନ୍ତି ୫ ଓଭର ବୋଲିଂ କରି ୨୩ ରନ୍ ଦେଇ ୩ଟି ଓ ଜ୍ୟୋତି ଦଳାଇ ୫ ଓଭର ବୋଲିଂ କରି ୧୭ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଭେଙ୍କଟେଶ ଭାଣ୍ଡେଙ୍କୁ ଆରଫିନ୍ ସର୍ଭିସ ପ୍ରୋଭାଇଡ଼ରର ମ୍ୟାନେଜିଂ ଡାଇରେକ୍ଟର ଅୟସକାନ୍ତ ଧଳ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଯାଜପୁର ପୌରପାଳିକାର ନଗର ବିଜେଡ଼ି ସଭାପତି ମନୋଜ ସାହୁ, କାଉନସିଲର ସୁବାଶିଷ ରାଉତ, ପାର୍ଥସାରଥୀ ବେହେରା, ଉମା ସିଂ, ସଞ୍ଜୟ ବେହେରା, ମନୋଜ ପତି, ସୁଶାନ୍ତ ସିଂହ, ସ୍ୱସ୍ତିକ ପହି, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର, ଜ୍ଞାନ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଲଲାଟ କେଶରୀ ନନ୍ଦ ଓ ଖଗେଶ୍ୱର ମଲ୍ଲିକ ପରିଚାଳନା କରିଥିବାବେଳେ ଅନିଶ ଦାସ ଓ ଏସ୍‌କେ କାଶିଫ୍ ଅଲ୍ଲୀ ସ୍କୋରର ଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

## 'କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଶାରୀରିକ ବିକାଶର ମୁଖ୍ୟ ଉପାଦାନ'

**ବାଲିଚନ୍ଦ୍ରପୁର ୬ ।୧(ସମିସ):** ବଡଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ପଞ୍ଚାୟତରେ ଥିବା ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଏସ୍‌ୟୁଜେର ଜିଲ୍ଲା ସମ୍ପାଦକ ପ୍ରବାସ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ମିର୍ଜା ମନୁୱର ଅଲ୍ଲୀ ବେଗ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପାଇଁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ ଅଧକ୍ଷତା କରିଥିଲେ। ଏହି ଉତ୍ସବରେ ପତରାଜପୁର ସରପଞ୍ଚଅତନୁଶ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶର ଉନ୍ନତି ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତର ସମିତି ସଭ୍ୟ କୁଳମଣି ବାରିକ ଯୋଗଦେଇ ଶିଶୁମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର। ଶୈଶବ କାଳରୁ ଶିଶୁଙ୍କୁ ଉଚିତ୍ ଶିକ୍ଷା, ସ୍ୱାସ୍ଥ୍ୟ ସେବା,



ଖେଳ ପ୍ରତି ଆଗ୍ରହ ଓ ପରିବେଶ ପ୍ରଦାନ କରାଗଲେ ସେମାନେ ଭଲ ନାଗରିକ ହୋଇପାରିବେ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମିର୍ଜା ମନୁୱର ଅଲ୍ଲୀ ବେଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଅମ୍ରିତ ଜେନା (ସିନିଅର ବାଳକ), ଆଦ୍ୟାଶା ଜେନା (ସିନିଅର ବାଳିକା), ଗୋପାଳ ଦାସ (ଜୁନିଅର ବାଳକ), ଶୁଭଶ୍ରୀ ଘଡ଼ାଇ (ଜୁନିଅର ବାଳିକା) ଓ ସିପୁନ ଘଡ଼ାଇ (ସବ୍‌ଜୁନିଅର) ଚାମ୍ପିଅନ ହୋଇଥିଲେ। ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ବସ୍ତିଆ, ସନ୍ତୋଷ କୁମାର ନାୟକ, କାଞ୍ଚନ ବାଳା ଦାସ, ତୃପ୍ତିମୟୀ ସାହୁ, ମମତା ସାହୁ, ସୁବର୍ଣ୍ଣା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ଶିକ୍ଷକ ସନ୍ତୋଷ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହିଳା ଚାଷୀଙ୍କ ପରଲୋକ

**ପାଣିକୋଇଲି, ୬।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ମହିଳା ଚାଷୀ କାବିଲୀ ସ୍ୱାଇଁଙ୍କ (୭୮) ବର୍ଷ ବୟସରେ ଗୁରୁବାର ରାତିରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତା ସ୍ୱାଇଁ ଜଣେ ସ୍ୱାଭିମାନୀ, ପରିଶ୍ରମୀ ଓ ଆତ୍ମନିର୍ଭରଶୀଳ ମହିଳା ଚାଷୀ ଭାବେ କେବଳ ଗୋଲେଇପୁର ନୁହେଁ ଆଖପାଖ ପଞ୍ଚାୟତରେ ଜଣାଶୁଣା। ସ୍ୱର୍ଗତା ସ୍ୱାଇଁଙ୍କ ଜୀବନ ଅତ୍ୟନ୍ତ ଦୁଃଖପୂର୍ଣ୍ଣ। ସ୍ୱାମୀ କୌଣସି କାରଣକୁ ନେଇ ଛାଡ଼ିଦେବା ପରେ ପଛକୁ ନ ଅନାଇ ଦୀର୍ଘ ଚାଳିଶ ବର୍ଷ ଧରି ନିଜ ବାପଘର ବାଡ଼ିରେ ସୁନୁସୁନିଆ, କଳମ, ଲେଉଟିଆ, କୋଶଳା, ପାଳଙ୍ଗ ଭଳି ବିଭିନ୍ନ କିସମର ଶାଗ ବିନା ରାସାୟନିକ ସାରରେ ପ୍ରସ୍ତୁତ କରିବା ସହିତ ପ୍ରତିଦିନ ସାଇକଲରେ ପାଣିକୋଇଲି ବଜାର ଓ ଆଖପାଖ ଅଞ୍ଚଳରେ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ବିଧବା ଝିଅ ଓ ନାତୁଣୀ। ନିଜ କଷ୍ଟୋପାର୍ଜିତ ଅର୍ଥରେ ନାତୁଣୀକୁ ପାଠ ପଢ଼ାଇ ଉଚ୍ଚଶିକ୍ଷିତ କରିପାରିଛନ୍ତି ସେ। ଗୁରୁବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେଉଛି କହି ବାନ୍ତି କରିଥିଲେ। ପରିବାର ଓ ପାଖ ପଡ଼ୋଶୀ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

## ସତ୍‌ସଙ୍ଗ ବିହାରରେ ଅବୀନଦାଙ୍କ ଜନ୍ମୋତ୍ସବ

**ବିଞ୍ଝାରପୁର, ୬।୧(ସମିସ):** ବିଂଝାରପୁର ସତସଙ୍ଗ ବିହାର ପରିସରରେ ପୂଜନୀୟ ଅବୀନଦାଙ୍କ ୨୪ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ଏକ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ସହପ୍ରତିରତ୍ୱିକ ତଥା ସତସଙ୍ଗ ବିହାର ସଭାପତି ଡ. ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଏହି ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଭଜନ, କୀର୍ତ୍ତନାଦି ଅନୁଷ୍ଠିତ ହେବା ପରେ ଅଧର୍ଯ୍ୟୁ କର୍ମୀ ବଳରାମ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହପ୍ରତିରତ୍ୱିକ ଅଶୋକ କୁମାର ଧଳ, ଡ. ବିଜୟ କୁମାର ନାୟକ ଇଷ୍ଟାଲୋଚନା କରିଥିଲେ। ସହପ୍ରତିରତ୍ୱିକ ରତନଲାଲ ଭୂୟାଁ, ଭିକାରୀ ଚରଣ ନାୟକ, ଦ୍ୟୁତିଦିବ୍ୟ ଦାସ, ଯାଜକ କର୍ମୀ ପ୍ରଶାନ୍ତ କୁମାର ସାହୁ, ପ୍ରତାପ କୁମାର ନାୟକ, ରବିନାରାୟଣ ସାହୁ, ବିଜୟ ପାତ୍ର, ଜିତେନ୍ଦ୍ର ସାହୁ, ପ୍ରଦୀପ କୁମାର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶଙ୍ଖଚିଲାରେ ରାମମନ୍ଦିର ଅକ୍ଷତକୁ ସ୍ୱାଗତ



**ଶଙ୍ଖଚିଲା, ୬ ।୧(ସମିସ):** ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ନିର୍ମାଣଧୀନ ଶ୍ରୀରାମଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ସନାତନ ଧର୍ମୀ ଜନମାନସକୁ ନିମନ୍ତ୍ରଣ କରିବା ପାଇଁ ଆସିଥିବା ପବିତ୍ର ଅକ୍ଷତ କଳସକୁ ଆଜି କୋରେଇ ବ୍ଲକ ଖମଣ ପଞ୍ଚାୟତରେ ସ୍ୱାଗତ କରାଯାଇଛି। ବଜରଙ୍ଗ ଦଳ, ସରସ୍ୱତୀ ଶିଶୁମନ୍ଦିର କମିଟି ଓ ଆରଏସଏସର ମିଳିତ ସହଯୋଗରେ ପ୍ରଥମେ ଠାକୁରପାଟଣା ଗ୍ରାମସ୍ଥ ହନୁମାନ ମନ୍ଦିର ନିକଟରେ ପୂଜାର୍ଚ୍ଚନା ଆରମ୍ଭ କରାଯାଇ ଘଣ୍ଟ ଓ ନାମ ସଂକୀର୍ତ୍ତନ ସହ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯିବା ସହିତ ଶେଷରେ ହାଟପଡ଼ିଆସ୍ଥ ହନୁମାନ ମନ୍ଦିରରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ବିଶ୍ୱାଳ, ଅକ୍ଷୟ କୁମାର ନାୟକ, ପ୍ରମୋଦ ନାୟକ, ପ୍ରଶାନ୍ତ ପୋଥାଳ, ଜିତେନ୍ଦ୍ର ଦାସ, ଭୁବନ ମୋହନ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ସରପଞ୍ଚଙ୍କ ବିରୋଧ



**ବିଂଝାରପୁର, ୬ ।୧(ସମିସ):** ବିଂଝାରପୁର ବ୍ଲକ ଅରେଇ-ଶାସନ୍ଦା ରାସ୍ତାରେ ପ୍ରସ୍ତାବିତ ମଦ ଦୋକାନ ନିଷ୍ପତ୍ତିକୁ ବିରୋଧ ଜାରି ରହିଛି। ଆଜି ଅରେଇ ମହିଳା ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ତୁରନ୍ତ ମଦ ଦୋକାନ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅରେଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଏହି ମଦ ଦୋକାନ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଏହା ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ଦେଖା ଦେଇଛି ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି। ପ୍ରଶାସନ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ ନ କେଲ ପଞ୍ଚାୟତବାସୀ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିବାକୁ ସରପଞ୍ଚ ଚେତାବନୀ ଦେଇଛନ୍ତି।

## ବିଜେପିର ଜନସମ୍ପର୍କ ପଦଯାତ୍ରା

**କବାଟବନ୍ଧ, ୬ ।୧ (ସମିସ):** ଧର୍ମଶାଳା ବିଜେପି ପକ୍ଷରୁ ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ୧୧ ନମ୍ବର ଜୋନ ଅନ୍ତର୍ଗତ ଅଙ୍ଗିରା ପଞ୍ଚାୟତରେ ଶୁକ୍ରବାର ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ଶ୍ରୀମତି ପହି ବାଲିସାହିଠାରୁ ବାହାରି ଭେଜିଗୋଠ, ଗୋଡ଼ିପାଟିଆ, ଶ୍ୟାମସୁନ୍ଦରପୁର ଆଦି ଗ୍ରାମକୁ ଯାଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଆବାସ, ଜାତୀୟ ଖାଦ୍ୟ ସୁରକ୍ଷା, ପିଏମ୍ କିଷାନ ଆଦି ଯୋଜନାର ସୁବିଧା ଓ ଭଲମନ୍ଦ ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କର୍ମୀ ଦିଲ୍ଲୀପ ପ୍ରଧାନ, କାଳନ୍ଦୀ ପ୍ରଧାନ, ନବୀନା ମଲ୍ଲିକ, ଶ୍ରୀଧର ସ୍ୱାଇଁ, ଗୌରାଙ୍ଗ ମହାନ୍ତି, ବିଜୟ ବଳ, ଶମ୍ଭୁ ଦାସ, ଗଗନ ଖଟୁଆ, ରମେଶ ଜେନା, ଜଗତ ଓଝା ପ୍ରମୁଖ ସାମିଲ ଥିଲେ।

## ଉଦୀୟମାନ ପାଠାଗାର ପକ୍ଷରୁ ଶୀତକାଳୀନ କବିତା ଆସର

**ବଡ଼ଚଣା, ୬ ।୧(ସମିସ)**

ଧାନମଣ୍ଡଳସ୍ଥ ଉଦୀମାନ ପାଠାଗାର ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଶୀତକାଳୀନ କବିତା ଆସାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କବିତା ପାଠଚକ୍ରକୁ ଭାରପ୍ରାପ୍ତ ଥାନା ଅଧିକାରୀ କବି ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରି କହିଲେ, ସାହିତ୍ୟ ହେଉଛି ଶୀତ ସକାଳର ସୋରିଷ ଫୁଲର ବାସ୍ନା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ କବୟିତ୍ରୀ ମମତା ଦାଶ କହିଲେ, ସାହିତ୍ୟ ପହିଲି ଉଷାର କାକଳୀ କଣ୍ଠର ସ୍ୱର। ମୁଖ୍ୟବକ୍ତା ଗବେଷକ ଡଃ ସନ୍ତୋଷ କୁମାର ମହାପାତ୍ର ସାହିତ୍ୟ ସୂଚାଇ ଦିଏ ଗୋଧୂଳି ବେଳାର ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ଆଭା ବୋଲି ମତ ବାଢ଼ି ଥିବାବେଳେ ସମ୍ମାନିତ ବକ୍ତା ସୁଧୀର ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଗାୟକ ରଜନୀ କାନ୍ତ ପୃଷ୍ଟି, ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ଶୁକ୍ଲ, ଶିବିଜୟ ପାଲ ଯାଦବ ପ୍ରମୁଖ ସାହିତ୍ୟ ଏନ୍ଟୁଡିଶାଳରୁ ମଶାଣି ଭୂମି ପର୍ଯ୍ୟନ୍ତ ଲମ୍ବିଯାଇଛି। ସାହିତ୍ୟ ଓ ମଣିଷ ସମାଜ ଉଭୟ ପରିପୂରକ ବୋଲି ମତ ପ୍ରକାଶ କରିଥିଲେ। କବିତା ପାଠଚକ୍ରର ସଞ୍ଚାଳିକା ଭାବେ ପ୍ରଧାନ ଶିକ୍ଷୟିତ୍ରୀ କବୟିତ୍ରୀ ପୁଷ୍ପଲତା ମହାନ୍ତି ଓ ସଞ୍ଚାଳକ ସହକାରୀ ଶିକ୍ଷକ କବି ନଟବର ପ୍ରଧାନଙ୍କ ସଂଯୋଜନାରେ ଆଇନଜୀବୀ କବି ହେମନ୍ତ ମାହାଲା, ଦେବରାଜ ବେହେରା, ଅଧ୍ୟାପକ ବିଜୟ କେତନ ସାମଲ, ଡା. କୈବଲ୍ୟ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କବି ପ୍ରତାପ ଚନ୍ଦ୍ର ସିଂହ, ଶିକ୍ଷକ ଆଶୁତୋଷ ଦେବୀ ପ୍ରସାଦ ରାଉତ, କବୟିତ୍ରୀ ଅରୁଣି ନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରି ଶ୍ରୋତାଙ୍କୁ ବିଭୋର କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନୀଲ ଦାସ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ସଭାପତି ଅବିନାଶ ଜେନା ସଭା ପରିଚାଳନା କରିଥିଲେ।

### ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର

# ବାହାରିଲା ସ୍ୱତନ୍ତ୍ର ଚାଉଳ; ମନଇଚ୍ଛା ଖାଇପାରିବେ ଭାତ

**ଯାଜପୁର, ୬ ।୧(ସମିସ)**

ବିଶ୍ୱରେ ଡାଇବେଟିସ ବା ମଧୁମେହ ରୋଗର ରାଜଧାନୀ ପାଲଟିଛି ଭାରତ। ଏହି ରୋଗୀଙ୍କ ପାଇଁ ବିଭିନ୍ନ ଖାଦ୍ୟ ପଦାର୍ଥ ନିଷେଧ ହୋଇଥିବାରୁ ରୋଗୀ ହଇରାଣ ହୋଇଥା'ନ୍ତି। ବିଶେଷକରି ଭାତ ଖାଇବା ପାଇଁ ରୋଗୀଙ୍କୁ ବାରଣ କରାଯାଇଛି। କିନ୍ତୁ ଏଭଳି ସମସ୍ୟାର ସମାଧାନ ପାଇଁ ଖୁସି ଖବର ଆଣିଛନ୍ତି ଯାଜପୁର ଜିଲ୍ଲା ବିଂଝାରପୁର ଅଞ୍ଚଳର ଚାଷୀ ଉମେଶ ନାୟକ। ସେ ତେଲେଙ୍ଗାନା ସୋନା ଆରଏନ୍‌ଆର୍ ୧୫୦୪୮ କିସମ ଧାନ ଉତ୍ପାଦନ କରିଛନ୍ତି। ଏହା ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି କୁହାଯାଉଛି। ଏବେ ସବୁଦିନ ପେଟପୁରା ଭାତ ଖାଇ ପାରିବେ ମଧୁମେହ ରୋଗୀ।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତର ଇଞ୍ଜିନପୁର ଗ୍ରାମର ଉମେଶ ଚନ୍ଦ୍ର ନାୟକ ନିଜ ଜମିରେ ଏମିତି ଏକ ଧାନ ଅମଳ କରିବାରେ ସକ୍ଷମ ହୋଇଛନ୍ତି। ଯାହା ମଧୁମେୟ ରୋଗୀଙ୍କ ବେଶ ଲାଭଦାୟକ ହେବ। ସାଧାରଣ ବ୍ୟକ୍ତି ଯେଉଁ ଚାଉଳର ଭାତ ଖାଉଛନ୍ତି, ସେଥିରେ ଅଧିକ ୭୧ ପ୍ରତିଶତ କାର୍ବୋ ହାଇଡ୍ରେଟ୍ ରହୁଛି। ଯାହାକି ଜଣେ ମଧୁମେହ ରୋଗୀ ଖାଇବା କ୍ଷତିକାରକ ନିଶ୍ଚିତ। ଏଠାରେ ଉତ୍ପାଦନ ହେଉଥିବା ଏହି ସ୍ୱତନ୍ତ୍ର ଧାନ ତେଲେଙ୍ଗାନାର ଆରଏନଆର ୧୫୦୪୮ (ସୋନା) ଚାଉଳରେ ୫୦ ପ୍ରତିଶତ ରହୁଛି। ଫଳରେ ଏହା ମଧୁମେୟ ରୋଗୀଙ୍କ ପାଇଁ ଫାଇଦା ହୋଇଛି। ଉମେଶ ଦିନେ ରାଜ୍ୟ ବାହାରେ ମୋଟା ଅଙ୍କର ଦରମାରେ ଏକ ମେଡିସିନ କମ୍ପାନୀରେ ଚାକିରି କରିଥିଲେ। ଏହି ଧାନ ସମ୍ପର୍କରେ ଜାଣିବା ପରେ ଉମେଶ ନିଜ ବିଲରେ ଚାଷ ଆରମ୍ଭ କରିଥିଲେ। ପ୍ରଥମେ ଏକ ଏକର ଜମିରେ ସେ ଚାଷ କରି ସଫଳ ହୋଇଛନ୍ତି। ମଧୁମେହ ରୋଗୀଙ୍କ ଭାତ ଲାଗି ଚାଉଳର ଦାମ ୨୫୦ ଟଙ୍କା ଥିଲେ ମଧ୍ୟ ସେ ଏହାକୁ ଅତି କମ୍ ଦାମରେ ବିକୁଛନ୍ତି। ଉଷୁନା ସହିତ

ଅରୁଆ ଚାଉଳ ଉତ୍ପାଦନ କରି ରୋଗୀଙ୍କ ଭାତ ଖାଇବା ଲାଗି କରିଥିବା ପ୍ରୟାସ ସଫଳ ହୋଇଥିବା ଉମେଶ କହିଛନ୍ତି।

ମଧୁମେହ ଡାକ୍ତର କ୍ଷିତୀଶ ନାୟକ କହିଛନ୍ତି, ଏହି ଚାଉଳରେ ନିମ୍ନ ଗ୍ଲାଏସେମିକ୍ ଇଣ୍ଡେକ୍ସ ରହୁଛି। ଯାହାକି ମଧୁମେହ ରୋଗୀଙ୍କ ଅଧିକ ଉପଯୋଗୀ ହେଇଥାଏ। ଅନ୍ୟ ଚାଉଳରେ



କାର୍ବୋହାଇଡ୍ରେଟର ପରିମାଣ ଅଧିକ ରହୁଥିବାରୁ ମଧୁମେହ ରୋଗୀଙ୍କୁ ଭାତ ଖାଇବାକୁ ଆମେ ମନା କରିଥାଉ। ଏହି ଚାଉଳର ଭାତ ଖାଇଲେ କିଛି ଅସୁବିଧା ନାହିଁ। ଉମେଶଙ୍କଠାରୁ ଏହି ଧାନ ବିହନ ନେବା ପାଇଁ ପ୍ରତିଦିନ ଜିଲ୍ଲା ଓ ଜିଲା ବାହାରୁ ଅନେକ ଚାଷୀ ଆସୁଛନ୍ତି। ଏତେ ମାତ୍ରାରେ ଧାନର ଚାହିଦା ଥିବାରୁ ତାହା ଯୋଗାଇବା ସମ୍ଭବ ନୁହେଁ। ପ୍ରଶାସନଙ୍କ ପକ୍ଷରୁ ଏଥିପାଇଁ ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ଏହି ଧାନ ଅଧିକ ଚାଷ ହେଲେ ମଧୁମେହ ରୋଗୀ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି।

### ୧୬ ବର୍ଷର ରେକର୍ଡ ଭାଙ୍ଗିଲା

# ଭିତରକନିକାରେ ବଢ଼ିଲେ ବିଦେଶୀପକ୍ଷୀ

ରାଜନଗର, ୬।୧(ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଆଜି ବନବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୩୯ ହଜାର ୯୫୯ଟି ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ଭିତରକନିକାକୁ ୧ ଲକ୍ଷ୫୧ ହଜାର ୪୨୧ ପକ୍ଷୀ ଆସିଛନ୍ତି। ଅର୍ଥାତ ଗତବର୍ଷ ଠାରୁ ଚଳିତବର୍ଷ ଭିତରକନିକାକୁ ୧୧୪୬୨ ପକ୍ଷୀ ଅଧିକ ଆସିଥିବା ଜଣାପଡିଛି। ଗତବର୍ଷ ଭିତରକନିକାକୁ ୧୪୦ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୨୧ଲାର୍ଜ ହୁଇସିଙ୍ଗ ଡକ୍ ପ୍ରଜାତିର ପକ୍ଷୀ ସବୁଠୁ ଅଧିକ ୨୮୦୯୦ ଆସିଛନ୍ତି।

- ଗତବର୍ଷ ଠାରୁ ୧୧୪୬୨ଅଧିକ ପକ୍ଷୀ
- ୧୨୧ପ୍ରଜାତିର ୧୫୧୪୨୧ ବିଦେଶୀପକ୍ଷୀ



ଚଳିତବର୍ଷ ଭିତରକନିକାରେ ବିରଳ କମନସେଲ ଡକ୍ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏହି ପକ୍ଷୀ କମ ସଂଖ୍ୟାରେ ଦେଖାଯାଇଥାନ୍ତି। ଏହି ପକ୍ଷୀ ଚଳିତବର୍ଷ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଛି। ଏହାବାଦ୍ ଭିତରକନିକାରେ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ପକ୍ଷୀଗୁଡିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାକୁ ହିମାଳୟ ପାଦଦେଶ ଓ ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତମାସ ୬ ତାରିଖ ଦିନ ୧୮ଟି ଟିମ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆଦ୍ରଭୂମୀ, ଜମ୍ବୁ, ବତୀଘର, ବରୁଣେଇ ମୁହାଁଣ, ପ୍ରହରାଜପୁର, କଂସାରିପାଟିଆ, ଖୋଲା, ନଳିତାପାଟିଆ, ଦୁର୍ଗାପୁରମୁହାଁଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଙ୍ଗଜଡିଆଁ, ମଗରକନ୍ଦା, ଟିଂଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ ପ୍ରଭୃତି ସ୍ଥାନମାନଙ୍କରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ରାଜନଗର ବନ ବିଭାଗ ପକ୍ଷରୁ ୫ ଟି ରେଞ୍ଜ ଅଂଚଳରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ସାଧାରଣତଃ ଖୋଲାଜାଗା, ଧାନବିଲ, ନଦୀପଠା ଓ ଜଳାଶୟ ଗୁଡିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୬ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ ଜମାଇଛନ୍ତି। ସାତଭାୟା, ଗହୀରମଥାର ଚଟକା ଓ ଶାସନପେଟା ଫରେଷ୍ଟ ବ୍ଲକ ଅଂଚଳରେ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି।

**ଗତ ୧୦ବର୍ଷର ପକ୍ଷୀ ଗଣନା ରିପୋର୍ଟ**

| | |
|---|---|
| ୨୦୧୩-୧୪ | -୬୮,୫୧୪ |
| ୨୦୧୪-୧୫ | -୧,୧୩,୨୨୬ |
| ୨୦୧୫-୧୬ | -୧,୦୬,୩୫୬ |
| ୨୦୧୬-୧୭ | -୭୬,୨୬୮ |
| ୨୦୧୭-୧୮ | -୧,୧୨,୯୩୭ |
| ୨୦୧୮-୧୯ | -୧,୦୯,୦୫୯ |
| ୨୦୧୯-୨୦ | -୧,୧୮,୩୨୬ |
| ୨୦୨୦-୨୧ | -୧,୩୬,୦୯୨ |
| ୨୦୨୧-୨୨ | -୧,୩୮,୧୦୭ |
| ୨୦୨୨-୨୩ | -୧,୩୯,୯୫୯ |
| ୨୦୨୩-୨୪ | -୧, ୫୧, ୪୨୧ |

## ବଢୁଛି ଶୀତ , ଖସୁଛି ପାରଦ



ଓଲାଭର, ୬।୧(ସମିସ): ଏଥର ଶୀତ ମାତ୍ରାଧିକ ହେଉଛ। ଗାଁ ଗହଳି ଅଞ୍ଚଳରେ ଲୋକେ ନିଆଁଜଳାଇ ସେକି ହେଇଥିବା ଦେଖିବାକୁ ମିଳିଛି। ଗତ ସାତ ଦିନ ହେବ ଓଲାଭର ଅଞ୍ଚଳରେ ଶୀତର ମାତ୍ରା ବୃଦ୍ଧି ପାଇଛି। ପାରଦ ହ୍ରାସ ପାଇଥିବା ବେଳେ ହାଡ଼ଭଙ୍ଗା ଜାଡ଼ରେ ବିଶେଷ କରି ବୟସ୍କ ବୃଦ୍ଧ ଓ ଶିଶୁମାନେ ଘରୁ ବାହାରିବା କାଠିକର ପାଠ ହେଇଯାଇଛି। ଗତ ଦୁଇବର୍ଷ ପରେ ଏଭଳି ହାଡଭଙ୍ଗା ଶୀତ ଅନୁଭୂତ ହୋଇଥିବା ଜଣାପଡ଼ିଛି। ସକାଳ ନଅଟା ପୂର୍ବରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନ ତମାମ କୁହୁଡିଆ ଖରା ସାଙ୍ଗକୁ ସନ୍ଧ୍ୟା ହେଲେ ଘର କବାଟ ଖୋଲିବା ସମ୍ଭବ ହେଉନାହିଁ। ତେବେ ଏପରି ଥଣ୍ଡା ଆଉ ଗୋଟିଏ ସପ୍ତାହ ଯାଏ ଅନୁଭୂତ ହୋଇପାରେ ବୋଲି ପୂର୍ବାନୁମାନ କରି ବେତାର ଓ ପାଣିବିଭାଗ ସୂଚନା ଦେଇଛି ।

## କୁହୁଡ଼ି ଯୋଗୁ ନଈ ମଝି ବାଲିପଠାରେ ଫସିଲା ଡଙ୍ଗା

■ ୨୦ଯାତ୍ରୀ ସୁରକ୍ଷିତ ଉଦ୍ଧାର

ମହାକାଳପଡ଼ା, ୬।୧(ସମିସ): ମହାକାଳପଡ଼ାର ରାମନଗରରୁ ପାରାଦୀପକୁ ସଂଯୋଗ କରୁଥିବା ମହାନଦୀର ମଝିରେ ଥିବା ବାଲିପଠାରେ ଫସିଗଲା ଯାତ୍ରୀବାହୀ ଡଙ୍ଗା। ଡଙ୍ଗାରେ ଥିବା ୨୦ଜଣ ଯାତ୍ରୀଙ୍କୁ ଅନ୍ୟଏକ ଡଙ୍ଗା ଉଦ୍ଧାର କରି କୂଳରେ ଛାଡିଥିଲା।

ଶନିବାର ଭୋର ସମୟରେ ରାମନଗର ବାହାକୁଦ କୂଳରୁ ୨୦ ଜଣ ଯାତ୍ରୀ ୮ଟି ବାଇକ୍, ଦୁଇଟି ସାଇକଲ ସହିତ ଏକ ଯନ୍ତ୍ରଚାଳିତ ଡଙ୍ଗା (ଭୁଟୁଭୁଟି) ପାରାଦ୍ୱୀପର ମୂଷାଡିଆ କୂଳକୁ ଯିବାକୁ ବାହାରିଥିଲା। ଜୁଆର ଛାଡ଼ ଥିବାରୁ ନଈ ମଝିରେ ଥିବା ବାଲିପଠାରେ ପାଣି କମ ଯୋଗୁ ଡଙ୍ଗାଟି ଲାଗି ଯାଇଥିଲା। ବହୁ ଚେଷ୍ଟା କରି ଡ଼ଙ୍ଗାକୁ ଖସାଇ ନେଇ ପାରିଲେ ନାହିଁ ନାଉରିଆ। ଫୋନ ଯୋଗେ ଘାଟରେ ଥିବା ଅନ୍ୟ ସହଯୋଗୀଙ୍କୁ ଖବର ଦେବାରୁ ଅନ୍ୟ ଏକ ଡଙ୍ଗା ଯୋଗେ ୨୦ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରି ପାରାଦ୍ୱୀପ କୂଳରେ ପହଞ୍ଚାଯାଇଥିଲା। ଅପରାହ୍ନ ପର୍ଯ୍ୟନ୍ତ ଡଙ୍ଗାରେ ବାଇକ୍ ଏବଂ ସାଇକଲ ରହିଥିଲା। ମଧ୍ୟାହ୍ନରେ ଜୁଆର ହେବାପରେ ଡ଼ଙ୍ଗାକୁ କୂଳକୁ ଆସିଥିଲା। ସେଥିରେ ଥିବା ବାଇକ୍ ଓ ସାଇକଲକୁ ଓହ୍ଲା ଯାଇଥିଲା। କୁହୁଡି ଯୋଗୁ ଡଙ୍ଗାର ଚାଳକ ରାସ୍ତା ଜାଣିନପାରିବାରୁ ବାଲିପଠାରେ ଡଙ୍ଗା ଫସି ଯାଇଥିବା ଜଣାପଡିଛି।

## ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍ୟାପିତ

ରାଜନଗର, ୬।୧(ସମିସ): ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତମାସ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍ୟାପିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ରାଉତ ଶିବିରର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିବା ବେଳେ ପ୍ରଶିକ୍ଷକ ସଂଜୟ କୁମାର ସେଠୀ ଓ ବିଶ୍ୱ ରଂଜନ ନାୟକ ପ୍ରଶିକ୍ଷଣ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିରରେ ଯୋଗଦେଇ ସରକାରଙ୍କ ଏହି ନୂତନ ମଡ୍ୟୁଲକୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସ୍ତରରେ ପ୍ରୟୋଗ କରି ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଶପଥ ନେଇଥିଲେ।




● ଆନ୍ତଃଜିଲ୍ଲା ଅଙ୍ଗୁଳାଇ କପ୍ କ୍ରିକେଟ

## ଇଲେଭେନ୍ ଷ୍ଟାର ସେମିରେ




ମାର୍ଶାଘାଇ, ୬।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ଖେଳପଡ଼ିଆରେ ୧୭ତମ ଆନ୍ତଃଜିଲ୍ଲା ଅଙ୍ଗୁଳାଇ କପ୍ କ୍ରିକେଟ୍ ଉଦ୍‌ଘାଟିତ ହୋଇଯାଇଛି। ଦ୍ୱିତୀୟ ଲିଗ୍ ମ୍ୟାଚ ଇଲେଭେନ୍‌ଷ୍ଟାର କେନ୍ଦ୍ରାପଡ଼ା ସହ ସହିଦ୍ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍‌ଷ୍ଟାର କ୍ରିକେଟ ଟିମ୍ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ଓଭରରେ ୮ୱିକେଟ ହରାଇ ୨୩୭ରନ କରିଥିଲା। ଏହାର ଜବାବରେ ୨୫ଓଭରରେ ୭ ୱିକେଟ ହରାଇ ୧୯୧ରନ କରି ପରାଜିତ ହୋଇଥିଲା। ଇଲେଭେନ୍‌ଷ୍ଟାର କ୍ରିକେଟ ଟିମ୍ ଗୌରବ ଚୌଧୁରୀ ୫୪ବଲରେ ୧୨୭ ରନ୍‌କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ପ୍ରଭାତ ରନ ଦାସ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ଅର୍ଥରାଶି ଚେକ୍ ପ୍ରଦାନ କରିଥିଲେ। ଅମ୍ପାୟର ପ୍ଲାବନ ସ୍ୱାଇଁ, ଅମରେନ୍ଦ୍ର ବେହେରା ସଫଳ ମ୍ୟାଚ ପରିଚାଳନା କରିଥିଲେ। ଆସନ୍ତାକାଲି ଜୁଭେନାଇଲ କଟକ-ସୋଲାର କଟକ ମଧ୍ୟରେ ୩ୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଶେଖର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବରକନ୍ଧା ଚାମ୍ପିଅନ୍

ମହାକାଳପଡ଼ା, ୬।୧(ସମିସ): ମହାକାଳପଡା ବ୍ଲକ ଛେଡ଼ାକଣୀ ଖେଳପଡିଆରେ ୧୯ ତମ ଶେଖର ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବରକନ୍ଧାର ଚନ୍ଦ୍ରଶେଖର ଟିମ୍ ଗୋଖାଖଟୀ ଗ୍ରାମର ନେତାଜୀ ଟିମ୍‌କୁ ହରାଇ ଚାମ୍ପିଅନ ହୋଇଛି। ଯୁବନେତା ଡ଼. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ନେତା କୁଳମଣି ଚୌଧୁରୀ, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଯୁବନେତା ତ୍ରିଲୋଚନ ରାଉତ, ବାରେଣି ଭୂୟାଁ, ବାଦଲ ଦେବନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ବବୁଲୁ ସ୍ୱାଇଁ, ଶ୍ରୀନିବାସ ପରିଡା, ମନା ସ୍ୱାଇଁ, ବାପି ପରିଡା, ହାପି ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୬।୧(ସମିସ): କେନ୍ଦ୍ରାପଡା ସହରସ୍ଥ ପୋ÷ର ସରକାରୀ ଉଚ୍ଚ ବିଦ୍ୟାଳୟ, ମହିପାଳର ଶିକ୍ଷାବର୍ଷ ୨୦୨୩-୨୪ ବାର୍ଷିକ କ୍ରୀଡା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଶରତ କୁମାର ବେହୁରା, ପୋ÷ରସଭ୍ୟା ଅସୀମା ନାୟକ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦଇତାରୀ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିବା ସହିତ କ୍ରୀଡାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ସୁଚିତ୍ରା ଜେନା, ଜଗନ୍ନାଥ ତ୍ରିପାଠୀ, ରହେଲା ମୁଜୀବ୍, ଅହଲ୍ୟା ସାହୁ, ମହମ୍ମଦ ୟୁସୁଫ ଇକବାଲ୍, ସୌମ୍ୟରଞ୍ଜନ ପଟ୍ଟନାୟକ, କ୍ରୀଡା ଶିକ୍ଷୟିତ୍ରୀ ଶଶିରେଖା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ।

## ୫୩ ନଂ ଜାତୀୟ ରାଜପଥ ଅବରୋଧ କଲେ ଗାଡ଼ି ଚାଳକ

ଡେରାବିଶ, ୬।୧ (ସମିସ): କେନ୍ଦ୍ର ସରକାରଙ୍କ ନୂତନ ପରିବହନ ନିୟମ ପ୍ରତିବାଦରେ ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଗାଡ଼ି ଚାଳକ ସଂଘ ପକ୍ଷରୁ ଶନିବାର ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ପ୍ରତିବାଦ ଜଣାଇ ରାସ୍ତା ଅବରୋଧ କରାଯାଇଥିଲେ। ଜିଲ୍ଲା ଗାଡ଼ି ଚାଳକ ସଂଘ ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ରଞ୍ଜନ ମହାନ୍ତି ଓ ଉପସଭାପତି ମହମ୍ମଦ ଆପମଲଙ୍କ ନେତୃତ୍ୱରେ ଶତାଧିକ ଗାଡ଼ି ଚାଳକ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଆନ୍ଦୋନଳ ସ୍ଥଗିତ ରଖିବାକୁ ରାଜ୍ୟସ୍ତରରେ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି।

## କୁହୁଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ




ମାର୍ଶାଘାଇ, ୬।୧(ସମିସ): ମାର୍ଶାଘାଇ ବ୍ଲକ କୁହୁଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଅଜୟ କୁମାର ଦାସ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରାଯାଇ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ସମବାୟ ସମ୍ପାଦକ ସେକ୍ ସକିଲ୍, ସମବାୟ ଉପସଭାନେତ୍ରୀ ଭକ୍ତିଲତା ପରିଡ଼ା, ବୋଡର୍ ନିର୍ଦ୍ଦେଶକ ସଦସ୍ୟ ନବଘନ ସାମଲ, ଗୋଲଖ ବିହାରୀ ନାୟକ, କୁଳମଣି ପରିଡ଼ା, କୈଳାଶ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପାଣି, ଉତ୍ତମ ସୂତାର, ସରୋଜକାନ୍ତ ସେଠୀ, ନାରାୟଣ ପ୍ରସାଦ ମଲ୍ଲ, ଆଲୋକକୁମାର ରାଉତ, ନାରାୟଣ ପ୍ରସାଦ ମଲ୍ଲ, ସଦସ୍ୟା ସତ୍ୟଭାମା ସ୍ୱାଇଁ, ସୌଦାମିନୀ ରାଉତ, ସୁଜାତା ଦାସ, ଭ୍ରମରବର ବେହେରା ପ୍ରମୁଖ ଉପସ୍ଥିତଥିଲେ। ଏହି ସମବାୟ ସମିତି ଅଧିନସ୍ତ ଅଙ୍ଗୁଳାଇ, କୁହୁଡ଼ି ପଞ୍ଚାୟତର ୬୮୦ଚାଷୀ ଅନ୍‌ଲାଇନ୍‌ରେ ଧାନ ବିକ୍ରି କରିବାକୁ ନାମ ପଞ୍ଜିକରଣ କରିଥିବା ସମ୍ପାଦକ ସେକ୍ ସକିଲ ପ୍ରକାଶ କରିଛନ୍ତି। ମଣ୍ଡିରେ ଚାଷୀ ଏ ଗ୍ରେଡ୍ କ୍ୱିଣ୍ଟାଲ ପିଛା ଟ.୨୨୦୩/ ଧାର୍ଯ୍ୟକରାଯାଇଛି। ଏଏଫକ୍ୟୁ ଧାନ କ୍ୱିଣ୍ଟାଲ ମାନର ମୂଲ୍ୟ ଟ୨୧୮୩/ ଧାର୍ଯ୍ୟରହିଛି। ଚାଷୀ ଭାଇମାନେ ସରକାରୀ ଧାର୍ଯ୍ୟ ମୂଲ୍ୟ ସୁବିଧାନେବାକୁ ସମବାୟ ସଭାପତି ଶ୍ରୀ ଦାସ ପରାମର୍ଶଦେଇଛନ୍ତି।

## ଆଖୁଆଦକ୍ଷିଣୀ ସରପଞ୍ଚଙ୍କ ପରଲୋକ

ମାର୍ଶାଘାଇ, ୬।୧(ସମିସ): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଆଖୁଆଦକ୍ଷିଣୀ ସରପଞ୍ଚ ତପନ କୁମାର ନାୟକ(୪୭)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତକାଲି ଅପରାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପାଟକୁରା ମେଡ଼ିକାଲ ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ମେଡ଼ିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉନ୍ନତି ପରିବର୍ତ୍ତେ ହଠାତ ସଂକଟାପନ୍ନ ହେବାରୁ ଡ଼ାକ୍ତର କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କଟକ ଯିବା ବାଟରେ ନିଶ୍ଚିନ୍ତକୋଇଲି ନିକଟରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ଖବର ପ୍ରଚାରିତ ହେବାବରେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀରକୁ ପୈତୃକ ଘର ଓରିଷବିନ୍ଧକୁ ଅଣାଯାଇଥିଲା। ସମସ୍ତଙ୍କ ପ୍ରିୟ ଯୁବ ସରପଞ୍ଚ ତପନଙ୍କ ଶେଷ ଦର୍ଶନ କରିବାକୁ ହଜାର ହଜାର ସମର୍ଥକ ବହୁ ବିଶିଷ୍ଟ ମାନ୍ୟଗଣ୍ୟବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନକରି ଅଶ୍ରୁଳ ବିଦାୟ ଦେଇଛନ୍ତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଦେବାସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପରଲୋକଗତ ସରପଞ୍ଚ ତପନଙ୍କ ମର ଶରୀରକୁ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଏକମାତ୍ର ପୁତ୍ର ଆୟୁଷ ନାୟକ ମୁଖାଗ୍ନି ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ରାଜନଗର, ୬।୧(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲର ୧୯୯୦ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କରାଯାଇଥିଲା। ଗୁରୁ ସଚ୍ଚିଦାନନ୍ଦ ବିଶ୍ୱାଳ, ଅନାଦି ଚରଣ ଜେନା, ପଦ୍ମନାଭ ଜେନା, ସୀତାକାନ୍ତ ରାଉଳ, ବିରଞ୍ଚି ନାରାୟଣ ବେହେରା, ସଂଜୟ କୁମାର ମିଶ୍ର, ରଂଜନ ରାଉଳ, ଦୁର୍ଯ୍ୟଧନ ରାଉତଙ୍କୁ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ବିଦ୍ୟାଳୟ ସମୟର ସ୍ମୃତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ।



# ରାଜକନିକା ମାଟିରେ ବିଦେଶୀ ଥାଇଲାଣ୍ଡ ଆପଲ୍ ବେରୀ ଚାଷ

ରାଜକନିକା, ୬।୧(ସମିସ): ରାଜକନିକା ମାଟିରେ ଫଳୁଛି ପୁଣି ବିଦେଶୀ ଥାଇଲାଣ୍ଡ ଆପଲ୍ ବେରି କୋଳି। ଗୋଲ୍‌ଆଉ ଲମ୍ବାଳିଆ ଆକାରରେ ଫଳୁଥିବା ଏହି କୋଳିର ରଙ୍ଗ ଲାଲ ଆଉ ସବୁଜ। ସମ୍ପୂର୍ଣ୍ଣ ମିଠା ସ୍ୱାଦରେ ଉପଲବ୍ଧ ଏହି କୋଳି ଖାଇବାକୁ ଭାରି ସୁଆଦିଆ। ତେଣୁ ବିଦେଶୀ ଥାଇଲାଣ୍ଡର କୋଳିକୁ ଦେଖିବାକୁ ଚାଷଜମି ପାଖେ ପ୍ରତ୍ୟହ ଭିଡ଼ ବି ଲାଗୁଛି। ଏଥିପାଇଁ ନୂଆ ଏହି ଚାଷ କରି ଚାଷୀ ବି ବେଶ୍ ଉତ୍ସାହିତ ହୋଇ ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ହାବଳଗଣ୍ଡ ପାଟଣା ଗାଁର ଅଭିଜ୍ଞ ଚାଷୀ ହେଉଛନ୍ତି ବଳରାମ ଦାଶ(୭୫) ଓରଫ ଝରିଆ ନନା। ସମଗ୍ର ଜିଲ୍ଲାରେ ଜଣେ ପୋଖତ ଆଉ ଅନୁଭବୀ ଚାଷୀ ଭାବେ ସେ ବେଶ୍ ଜଣାଶୁଣା। ପାଞ୍ଚ ଦଶନ୍ଧି ଧରି ସେ ଧାନ ଫସଲ ଆଉ ପନିପରିବା ଚାଷକୁ ବ୍ରତ ଭାବେ ଗ୍ରହଣ କରି ଚାଷ ଜମିରେ କେବଳ ବାଇଗଣ ଓ ଟମାଟୋ ଚାଷ କରି ଲାଭ ଉଠାଇଛନ୍ତି। ହେଲେ ସେ ୟୁଟ୍ୟୁବରେ ନୂଆ ଚାଷ ସମ୍ପର୍କରେ ଦେଖୁ ଦେଖୁ ଥାଇଲାଣ୍ଡ ଆପଲ୍ ?ରୋର ରେଡ୍ କାଶ୍ମିରୀ ଓ ବଲ୍ ବେରୀ ସୁନ୍ଦରୀ କିସମ କୋଳି ଚାଷ ନିମନ୍ତେ ମନ ବଳାଇ ମୁର୍ଶିଦାବାଦର ଜଣେ ଚାଷୀଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ କରି ଏହି ଚାଷ ରାଜକନିକା ମାଟିରେ ପ୍ରଥମ ଥର ଲାଗି ଲଗାଇଛନ୍ତି। ନିଜର ପଚାଶ ଡିସିମିଲ ଚାଷ ଜମିରେ ମାତ୍ର ଦୁଇଶହ ଆପଲ୍ ବେରି ଚାରା ଗଛ ଚଳିତ ବର୍ଷ ଆରମ୍ଭରେ ଲଗାଇ ଥିଲେ ପରୀକ୍ଷା ମୂଳକ ଭାବେ। ଗଛଟି ବଢିବା ସଙ୍ଗେ ସଙ୍ଗେ ଏହା ବିଶେଷକରି ଆମ ଦେଶୀ କୋଳି ଗଛ ପରି ଦେଖା ଯାଉଥିବାରୁ ବଳରାମକୁ କେହି କେହି କୋଳି ଗଛ ଲଗାଇଥିବା କଥା କହୁଥିଲେ। ଏବେ କିନ୍ତୁ ସେଇ ଗଛରେ ଲାଲ୍ ଆଉ ସବୁଜ ରଙ୍ଗର ଆପଲ୍ ବେରୀ ଫଳ ଦେଖି ସମସ୍ତଙ୍କ ଆଖି ଲାଖି ଯାଉଛି। ଅତି ଚମତ୍କାର ଭାବେ ଏହି ଗଛରେ କୋଳିର ସମାହାର ଦେଖଣାହାରୀଙ୍କୁ ଆନନ୍ଦ ଦେଉଛି। ଏମିତିକି ଗୋଟିଏ ଗୋଟିଏ ଗଛରେ ଏତେ ଫଳ ଭର୍ତ୍ତି ହୋଇଛି ଯେ ବାଉଁଶ ଡେରା ସହାୟତାରେ ଗଛକୁ ସୁରକ୍ଷା ଦିଆଯାଇଛି। ଯେହେତୁ ଫଳ ପାଚିବା ସମୟ ଜାନୁଆରୀରେ ହୋଇଥିଲେ ବି କିନ୍ତୁ ଏବେ ସ୍ଥାନୀୟ ଗରାଖ ସୁସ୍ୱାଦୁ କୋଳି କିଣି ଖାଉଛନ୍ତି। ଫଳରେ ଏଯାବତ୍ ପଚାଶ କେଜିରୁ ଅଧିକ କୋଳି ବିକ୍ରି ହୋଇଥିବା କଥା କହିଛନ୍ତି ବଳରାମ। ଏଥିପାଇଁ ପ୍ରତ୍ୟହ ଚାଷ ଜମିପାଖେ ଲୋକଙ୍କ ଭିଡ଼ ଜମୁଛି। କେତେକ ଲୋକ ବି ବିଦେଶୀ କୋଳି ଦେଖିବାକୁ ଚାଷ ଜମି ପାଖକୁ ଆସୁଛନ୍ତି। ପ୍ରତ୍ୟେକ ଗଛ ଚଳିତ ବର୍ଷ କୋଡିଏ କେଜିରୁ ଅଧିକ ଫଳ ଦେବା ସହ ଆସନ୍ତା ବର୍ଷ ଏହି ଗଛ ଗୋଟିକ ଷାଠିଏ କେଜିରୁ ଅଶୀ କେଜି ଯାଏ ଫଳ ଫଳିବ ବୋଲି ବଳରାମ ସୂଚନା ଦେଇଛନ୍ତି। ତେବେ ପନିପରିବା ଚାଷରୁ ବିଦେଶୀ ଏହି ଆପଲ୍ ବେରୀ ଚାଷ କରିବା ଭିତରେ ବଳରାମ ଯେଉଁ ଚ୍ୟାଲେଞ୍ଜ ସାମ୍ନା କରି ସଫଳ ହୋଇଛନ୍ତି ତାହା ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ଉଦାହରଣ ପାଲଟିଛନ୍ତି ସେ । ଆଗାମୀ ବର୍ଷ ଆହୁରି କିଛି ଚାରା ଗଛ ଆଣି ଅବଶିଷ୍ଟ ଜମିରେ ଲଗାଇବେ ବୋଲି ସେ ମଧ୍ୟ ମନ ବଳାଇଛନ୍ତି। ଯଦି ଏଭଳି ଚାଷକୁ ସରକାରୀ ପ୍ରୋତ୍ସାହନ ମିଳେ ତାହେଲେ ସେ ଆହୁରି ଆପଲ୍ ବେରୀ ଚାଷ କରି ପାରନ୍ତେ ବୋଲି ବଳରାମ ଆଶାବାଦୀ ଅଛନ୍ତି।

- ଦେଖିବାକୁ ଆକର୍ଷଣୀୟ, ଖାଇବାକୁ ସୁଆଦିଆ
- ଜାନୁଆରୀରେ ଅମଳ; ବଢୁଛି ଲୋକଙ୍କ ଉତ୍ସାହ



